ସକାଳ THE SAKALA



# ପରାଜିତ ପ୍ରାର୍ଥୀଙ୍କ ଉପରେ ବିଜେପିର ପୁଣି ଭରସା

## ହ୍ୟାଟ୍ରିକ ପରାଜୟ ସତ୍ତ୍ୱେ କାଳନ୍ଦୀଙ୍କୁ ମିଳିଲା ଟିକେଟ



ତାଳଚେର ସଦର, ୩।୪(ସମିସ): ଆଗାମୀ ୨୦୨୪ ମହାଲଢ଼େଇରେ ତାଳଚେର ବିଧାନସଭା ଆସନ ପାଇଁ ବିଜେପି ପ୍ରାର୍ଥୀ ଘୋଷଣା ସରିଛି। ତେବେ ଏଥର ତାଳଚେର ଗୁରୁତ୍ୱପୂର୍ଣ୍ଣ ବିଧାନସଭା ଆସନ ପାଇଁ ବିଜେପି- ବିଜେଡି ଦୁଇ ଦଳ ମଧ୍ୟରେ ଲଢ଼େଇ ଜୋରଦାର ହେବା ନେଇ ଚର୍ଚ୍ଚା ଜୋର ହେଉଥିବା ବେଳେ ବିଜେପି କାଳନ୍ଦୀ ସାମଲଙ୍କୁ ପ୍ରାର୍ଥୀ କରିଛି। ତରବରିଆ ହେଉ କିମ୍ବା ନୂଆ ନେତା ନ ମିଳିବାରୁ ହେଉ, ଅବିଭକ୍ତ ଢେଙ୍କାନାଳ ଜିଲ୍ଲାରେ ସମସ୍ତ ପରାଜୟ ନେତାଙ୍କୁ ଟିକେଟ ଦେବାକୁ ବାଧ୍ୟ ହୋଇଛି ବିଜେପି। ହେଲେ ତାଳଚେରର ନେତା କାଳନ୍ଦୀ ଗତ ୨୦୦୯ରେ ତ୍ରିମୁଖୀ ଲଢେଇରେ ତୃତୀୟ ସ୍ଥାନରେ ରହିଥିବା ବେଳେ, ୨୦୧୪ରେ ଦ୍ୱିତୀୟ ଥର ୧୪୦୦୦ ଭୋଟ ବ୍ୟବଧାନରେ ହାରି ଯାଇଥିଲେ। କିନ୍ତୁ ୨୦୧୯ ନିର୍ବାଚନରେ ଲଢ଼ି କ୍ରମାଗତ ତୃତୀୟ ଥର ପାଇଁ ପରାଜିତ ହୋଇଥିଲେ ମଧ୍ୟ ପୁନର୍ବାର ଚତୁର୍ଥ ଥର ପାଇଁ ବିଜେପି ହାଇକମାଣ୍ଡ କାଳନ୍ଦୀଙ୍କ ଉପରେ ଭରସା ଅତୁଟ ରଖି ପୁଣି ୨୦୨୪ଚଳିତ ନିର୍ବାଚନ ପାଇଁ ଟିକେଟ ଦେଇଛନ୍ତି। ସେଥିପାଇଁ ବିଜେପିର ଗୋଟିଏ ଗୋଷ୍ଠୀ ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଅପରପକ୍ଷରେ ଚଳିତ ନିର୍ବାଚନରେ ବିଜେପି ପ୍ରାର୍ଥୀ ପରିବର୍ତ୍ତନ ହେବା ନେଇ ଯେଉଁ କର୍ମୀଙ୍କ ମହଲରେ ଚର୍ଚ୍ଚା ରହିଥିଲା, ତାହା ବିଜେପିର ପ୍ରାର୍ଥୀ ଘୋଷଣା ପରେ ଅନ୍ତ ଘଟିଛି। ତେବେ ଏଥିନେଇ କାଳନ୍ଦୀଙ୍କ ସମର୍ଥକଙ୍କ ମହଲରେ ଖୁସିର ଲହରି ଖେଳି ଯାଇଥିବା ବେଳେ ତାଙ୍କ ବିରୋଧୀ ତଥା ଆଶାୟୀ ଗୋଷ୍ଠୀ ଏହାକୁ ବିରୋଧ କରି ସୋସିଆଲ ମିଡିଆରେ ଯୁଦ୍ଧ ଆରମ୍ଭ କରିଦେଇଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, ଗତ ୨୦୧୯ରେ ବ୍ରଜକିଶୋର ପ୍ରଧାନ ମୋଟ ୭୦ ହଜାର ୪୪ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପିର କାଳନ୍ଦୀ ସାମଲ ୪୫ ହଜାର ୯୪୨ ଖଣ୍ଡ ଭୋଟ ପାଇ ପରାଜୟ ବରଣ କରିଥିଲେ।

## ଇଂ.ଧରଣୀଧର ବେହେରାଙ୍କ ଦେହାନ୍ତ



ଅନୁଗୋଳ, ୩K୪(ସମିସ): ଅନୁଗୋଳ ଆମ୍ବେଦକର ଫାଉଣ୍ଡେସନ ଭବନ ପ୍ରତିଷ୍ଠାତା ତଥା ପୂର୍ବତନ ଅଧ୍ୟକ୍ଷ ଧୀମାନ ଇଂ ଧରଣୀଧର ବେହେରାଙ୍କ ଆଜି ଅନୁଗୋଳ ହସ୍ପିଟାଲରେ ଦେହାନ୍ତ ହୋଇଯାଇଛି। ଏହି ଦୁଃଖଦ ଖବର ପାଇ ଆତ୍ମୀୟସ୍ୱଜନ, ଅନୁଗୋଳ ର ବିଶିଷ୍ଟ ବ୍ୟକ୍ତି,ଆମ୍ବେଦକର ଫାଉଣ୍ଡେସନ ର ସଭ୍ୟ ମାନେ ଅନୁଗୋଳ ଶିମିଳିପଡ଼ା ସ୍ଥିତ ତାଙ୍କ ବାସଭବନରେ ତାଙ୍କ ପାର୍ଥିବ ଶରୀରକୁ ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଶ୍ରୀ ବେହେରାଙ୍କ ପାର୍ଥିବ ଶରୀରକୁ ଅନୁଗୋଳ ସହରସ୍ଥ ଆମ୍ବେଦକର ଫାଉଣ୍ଡେସନକୁ ପ୍ରସେସନ କରି ଆଣାଯାଇଥିଲା। ଶତ୍ରୁଘନ ନାଏକ, ସାଧାରଣ ସମ୍ପାଦକ ପ୍ରଭାତ ବେହେରା, ପୂର୍ବତନ ଅଧ୍ୟକ୍ଷ ପ୍ରହ୍ଲାଦ ନାଏକ, ବସନ୍ତ ନାଏକ, କୁମୁଦ ଚନ୍ଦ୍ର ନାଏକ, ଆଡଭୋକେଟ ପ୍ରତାପ ନାଏକ, ଆଡଭୋକେଟ ନିତ୍ୟାନନ୍ଦ ନାଏକ, ପବିତ୍ର ପ୍ରଜ୍ଞାଶୀଳଙ୍କ ସମେତ ଅନ୍ୟମାନେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ଏବଂ ଶ୍ରୀ ବେହେରାଙ୍କ ପାର୍ଥିବ ଶରୀରକୁ ଜନ୍ମମାଟି ଛେଣ୍ଡିପଦା ନିଆଯାଇଥିଲା। ସ୍ୱତନ୍ତ୍ର ଭାବରେ ଅନୁଗୋଳ ବାବାସାହେବ ଆମ୍ବେଦକର ଫାଉଣ୍ଡେସନକୁ ଏକ ଶକ୍ତିଶାଳୀ ସଂଗଠନ କରି ଗଢ଼ିତୋଳିବାରେ ସେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ତାଙ୍କର ଅଭିଳାଷ ପୂରଣ ପାଇଁ ଫାଉଣ୍ଡେସନ ସଂକଳ୍ପ ନେବ ଏବଂ ସବୁଦିନ ପାଇଁ କୃତଜ୍ଞ ରହିବ ରହିବ ବୋଲି ଫାଉଣ୍ଡେସନ ପୂର୍ବତନ ଅଧ୍ୟକ୍ଷ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତରଣୀ ସେନ ନାଏକ, ପ୍ରଶାସନିକ ଅଧିକାରୀ ସୁଧାକର ନାଏକ, ଲେଖକ ଅଭିରାମ ମଲ୍ଲିକ, ଇଂ ବି କେ ଜଗଦଲ, ମାନସ ମଲ୍ଲିକ, ଆଡଭୋକେଟ ଜୟନ୍ତୀ ନାୟକ, ଆଡଭୋକେଟ ବିନୋଦ ନାଏକ, ମିହିର ସେଠୀ, କେ ଏମ ଭୋଇ, ନାରାୟଣ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଗୋପାଳ ନାଏକ, ପ୍ରଦ୍ୟୁମ୍ନ ନାଏକ,ଇଂ ଜଗଦାନନ୍ଦ ନାୟକ, ଲଳିତ ବେହେରା, ଗଜେନ୍ଦ୍ର ବେହେରା ପ୍ରମୁଖ ଶୋକବ୍ୟକ୍ତ ଅବସରରେ କହିଛନ୍ତି।

## ଆଜିଠୁ ନାଲ୍କୋ ଓପନ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ନାଲକୋ ନଗର,୩।୪(ସମିସ): ନାଲକୋ ସ୍ପୋର୍ଟସ୍ ଆଣ୍ଡ ୱେଲଫେୟାର କମିଟି ପକ୍ଷରୁ ନାଲକୋ ଓପନ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୩-୨୪ ଗୁରୁବାର ଠାରୁ ନାଲକୋ ବିଜୁ ପଟ୍ଟନାୟକ ସ୍ପୋର୍ଟସ୍ କମ୍ପ୍ଲେକ୍ସ ପରିସରରେ ୮ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ୮ ଦଳ ଏନଟିପିସି କଣିହାଁ, ପଞ୍ଚଗଡ, ସିଂହବାହିନୀ ବଳରାମ ପ୍ରସାଦ, ଫ୍ରେଣ୍ଡ ତାଳଚେର, କର୍ପୋରେଟ ଅଫିସ ଭୁବନେଶ୍ୱର, ଏସ.ଆଣ୍ଡ.ପି ନାଲକୋ, ମାଇନ୍ସ ଆଣ୍ଡ ରିଫାଇନାରି ଦାମନଯୋଡ଼ି , ଜିଲ୍ଲା ପ୍ରଶାସନ ଅନୁଗୋଳ ଭାଗନେବେ ବୋଲି ସ୍ପୋର୍ଟସ୍ ସେଲ ଅଧିକାରୀ କେଦାର ନାଥ ସିଂ ସୂଚନା ଦେଇଛନ୍ତି।

## ଅମ୍ବିକା ଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ମନୋନୀତ



ଅନୁଗୋଳ, ୩।୪(ସମିସ) :ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳର ବରିଷ୍ଠ କଂଗ୍ରେସ ନେତା ଅମ୍ବିକା ଭଞ୍ଜଙ୍କୁ ଜିଲ୍ଲା କଂଗ୍ରେସ ସଭାପତି ରୂପେ ମନୋନୀତ କରାଯାଇଛି । ନିର୍ବାଚନ ଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଏଭଳି ଏକ ଦାୟିତ୍ୱକୁ ଗୁରୁତ୍ୱର ସହ ନେଇଛନ୍ତି ଶ୍ରୀ ଭଞ୍ଜ। ଏକ ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, କଂଗ୍ରେସ ହାଇକମାଣ୍ଡ ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ , ମଲ୍ଲିକାର୍ଜୁନ ଖଡଗେ ଏବଂ ପିସିସି ସଭାପତି ଶରତ ପଟନାୟକଙ୍କ ଆଶୀର୍ବାଦରୁ ମୋତେ ଏହି ଦାୟିତ୍ୱ ମିଳିଛି। ନିର୍ବାଚନ ପରିପ୍ରେକ୍ଷୀରେ ମୁଁ କଂଗ୍ରେସ ସଂଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ପାଇଁ ଚେଷ୍ଟା କରିବି।

## ମା' କୁଣ୍ଢେଇବିରାଙ୍କ ଶରଣରେ ବିଜେପି ପ୍ରାର୍ଥୀ



ପାଲଲହଡ଼ା, ୩।୪(ସମିସ): ପ୍ରାର୍ଥୀ ଘୋଷାଣ ପରେ ବୁଧବାର ବିଜେପି ପ୍ରାର୍ଥୀ ଅଶୋକ ମହାନ୍ତି ପାଲଲହଡା ଗସ୍ତରେ ଆସି ମା' କୁଣ୍ଢେଇବିରାଙ୍କ ଦର୍ଶନ କରିବା ସହିତ ଖୁଲୁଡ଼ି ସ୍ଥିତ ବାବା ଗିରିଶ୍ୱର ମହାଦେବଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସକାଳୁ ନିଜ ଗାଁର ମଙ୍ଗଳା ମା'ଙ୍କୁ ପୂଜାର୍ଚ୍ଚନା କରି କୁଣ୍ଢେଶ୍ୱର ମହାଦେବଙ୍କୁ ଦର୍ଶନ କରି ପାଲଲହଡା ଅଭିମୁଖେ ଗସ୍ତ କରିଥିଲେ। ବରିଷ୍ଠ ନେତା ଲିଙ୍ଗରାଜ ଦାସ, ତନ୍ମୟ ସାହୁ, ନୃସିଂହ ବରାଳ, ଚନ୍ଦନ ସ୍ୱରାଜ, ମଣ୍ଡଳ ସଭାପତି ପଞ୍ଚାନନ ସାହୁ, ଗୌରଚନ୍ଦ୍ର ପ୍ରଧାନ, ପ୍ରହ୍ଲାଦ ସାମଲ, ଧର୍ମେନ୍ଦ୍ର ସାହୁ, ତ୍ରିପୁରାରି ପ୍ରଧାନଙ୍କ ସମେତ ଦେବାନ ମାଝି, ଭୀମସେନ ମାଝି, ସରପଞ୍ଚ ଶ୍ରୀକାନ୍ତ ପ୍ରଧାନ, ଶିଶିର ସାମଲ, ମହିଳା ନେତ୍ରୀ ସୌଭାଗିନୀ ପ୍ରଧାନ, ରଞ୍ଜିତା ନାଥ, ଗୌରି ହାଇବୁରୁ ପ୍ରମୁଖ ଯୋଗଦେଇଥିଲେ।

## ୨ ଚୋରି ମୋଟର ସାଇକଲ ଉଦ୍ଧାର; ୪ ଗିରଫ



ଛେଣ୍ଡିପଦା,୩।୪(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ପୁଲିସ ବୁଧବାର ୨ଟି ଚୋରି ମୋଟର ସାଇକଲ ଉଦ୍ଧାର କରିବା ସହିତ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, କମ୍ପସଲା ଗ୍ରାମର ଅଶ୍ୱିନୀ କୁମାର ସାହୁଙ୍କ ପରିବାର ଲୋକେ ୨୦୨୩ ନଭେମ୍ବର ୨୫ତାରିଖ ରାତିରେ ଖାଇପିଇ ଶୋଇଥିବା ବେଳେ ଦୁର୍ବୃତ୍ତ ତାଙ୍କ ଘରେ ପଶି ୫ ହଜାର ଟଙ୍କା, ୨ଟି ମୋବାଇଲ ଓ ଏକ ୟୁନିକର୍ଣ୍ଣ ମୋଟର ସାଇକଲକୁ ଚୋରିକରି ନେଇ ଯାଇଥିଲେ। ସକାଳେ ପରିବାର ଲୋକ ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଅଶ୍ୱିନୀ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ପୁଲିସ ଅଭିଯୋଗକୁ ଭିତ୍ତି କରି ଛେଣ୍ଡିପଦା ଥାନା କେସ ନଂ ୫୧୯/୨୩ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ପୁଲିସ କଣିହାଁ ଥାନା ବଇଣ୍ଡା ଗ୍ରାମର ବାବୁଲା ଦେହୁରୀ ଓ ରୁଦ୍ର ଦେହୁରୀ ଚୋରି କରିଥିବା ନେଇ ପୁଲିସ ଜାଣିବାକୁ ପାଇଥିଲା। ଏ ନେଇ ପୁଲିସ ଚଢ଼ଉ କରି ଉକ୍ତ ୨ଜଣଙ୍କୁ ଗିରଫ କରି ପଚରାଉଚରା କରିବା ପରେ ସେମାନେ ଚୋରି କରିଥିବା ସ୍ୱୀକାର କରିବା ସହିତ ଚୋରି ମୋଟର ସାଇକଲକୁ ନିଶା ଶିଳ୍ପାଞ୍ଚଳ ଥାନା ରାଇଝରଣ ଗ୍ରାମରେ ବିକ୍ରି କରିଥିବା ପ୍ରକାଶ କରିଥିଲେ। ପୁଲିସ ରାଇଝରଣ ଗ୍ରାମରେ ଚଢ଼ଉ କରି ଚୋରି ହୋଇଥିବା ଦୁଇଟି ମୋଟର ସାଇକଲ ଉଦ୍ଧାର କରିବା ସହିତ ଚୋରି ମୋଟର ସାଇକଲ କିଣିବା ଅଭିଯୋଗରେ ରାଇଝରଣ ଗ୍ରାମର ଗୌରାଙ୍ଗ ଚରଣ ଦେହୁରୀ ଓ କପିଳେନ୍ଦ୍ର ପ୍ରଧାନଙ୍କୁ ଗିରଫ କରିଥିଲା। ଗିରଫ ୪ ଜଣଙ୍କୁ ପୁଲିସ ବୁଧବାର କୋର୍ଟ ଚାଲାଣ କରିଛି।

## ଡିଏଭି ତାଳଚେର ଥର୍ମାଲ ହାୟର ସେକେଣ୍ଡାରୀ ସ୍କୁଲରେ ଉତ୍କଳ ଦିବସ

ଥର୍ମାଲ, ୩।୪(ସମିସ): ଡିଏଭି ତାଳଚେର ଥର୍ମାଲ ହାୟାର ସେକେଣ୍ଡାରୀ ସ୍କୁଲରେ ୮୯ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ସଭାରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ଅଧ୍ୟକ୍ଷ ଶୁଭେନ୍ଦୁ ଶେଖର ବୋଷ। ଉପସ୍ଥିତ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ବହୁ ପ୍ରେରଣାଦାୟୀ ବାର୍ତ୍ତା ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍କଳ ଦିବସର ମହତ୍ତ୍ୱ ପ୍ରତିପାଦନ ସହ ଆଗାମୀ ଦିନରେ ଓଡ଼ିଆ ଭାଷା ଓ ଓଡ଼ିଶାର ଗୌରବ ବଜାଇ ରଖିବା ପାଇଁ ପ୍ରେରଣା ପ୍ରଦାନ କରିଥିଲେ। ଉକ୍ତ ସଭାର ଚତୁର୍ଥ ଶ୍ରେଣୀର ଛାତ୍ରୀ ଦୀପ୍ତି ଓ ସମୀକ୍ଷାଙ୍କ 'ଓଡ଼ିଶା..... ମୋ ଓଡ଼ିଶା' ଗୀତରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସମସ୍ତଙ୍କ ହୃଦୟକୁ ଛୁଇଁ ପାରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସଂସ୍କୃତି, ପରମ୍ପରା, ଭାଷାର ବୈଶିଷ୍ଟ୍ୟକୁ ଆଧାର କରି ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଓ କବିତା ଆବୃତ୍ତି କରାଯାଇଥିଲା। ସର୍ବୋପରି ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗରେ ଦିବସଟି ସାଫଲ୍ୟମଣ୍ଡିତ ହୋଇଛି।

## ଗ୍ୟାସ୍ ସିଲିଣ୍ଡର ଫାଟି ୫ ଗୁରୁତର







ଅନୁଗୋଳ, ୩।୪(ସମିସ): ଅନୁଗୋଳ ଜିଲ୍ଲା ତଳମୂଳ ପାଟଣା ସାହିରେ ଗ୍ୟାସ୍ ସିଲିଣ୍ଡର ଫାଟି ୬ ଜଣ ଗୁରୁତର ହୋଇଛନ୍ତି। ସୂଚନା ମୁତାବକ, ତଳମୂଳ ପାଟଣା ସାହିର ସର୍ବେଶ୍ୱର ସାହୁଙ୍କ ସ୍ତ୍ରୀ ସୁମିତ୍ରା ସାହୁ ଘରେ ମାଛ ଭାଜୁଥିବା ସମୟରେ ଗ୍ୟାସ୍ ସିଲିଣ୍ଡର ଲିକ୍ ଥିବା ଜାଣିପାରି ପୁଅ ସଂଗ୍ରାମକୁ ଡାକିଥିଲେ। ଏହା ଦେଖି ସଂଗ୍ରାମ ଗ୍ୟାସ୍ ସିଲିଣ୍ଡରକୁ ବାହାରକୁ ଫିଙ୍ଗି ଦେଇଥିଲେ। କିନ୍ତୁ ଗ୍ୟାସ୍ ଟାଙ୍କିଟି ବାହାରକୁ ନ ଯାଇ ଘର ଭିତର ଆଡ଼କୁ ଫେରି ଆସି ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣରେ ସୁମିତ୍ରା ସାହୁ (୪୮), ସ୍ୱାମୀ ସର୍ବେଶ୍ୱର ସାହୁ (୫୫), ବାବୁଲା ସାହୁ (୪୮), ପୁଅ ରଞ୍ଜିତ ସାହୁ ଓ ପୁତୁରା ସଂଗ୍ରାମ ସାହୁ ଗୁରୁତର ହୋଇଥିବା ବେଳେ ତପସ୍ୱିନୀ ସାହୁ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ୬ ଜଣଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ ତିନି ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି।

## ପାଣ୍ଡୁରୀପଥର ମଠରେ ନାମଯଜ୍ଞ



କିଶୋରନଗର, ୩।୪(ସମିସ): କିଶୋରନଗର ବ୍ଲକ ପାଣ୍ଡୁରୀପଥର ଅଭିରାମ ପରମହଂସ ମଠରେ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗତକାଲି ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳର ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। ମଠ କମିଟି ପକ୍ଷରୁ ଭକ୍ତଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। ଏଥିରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ବାବା ସତ୍ୟାନନ୍ଦ ଦାସ ମହାରାଜ, କମିଟି ର ସଭାପତି ପ୍ରସନ୍ନ ବିଶ୍ୱାଳ, ସମ୍ପାଦକ ତ୍ରିନାଥ ସାହୁଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

● ଗୁହାରି ଶୁଣିଲାନି ପୁଲିସ

## ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଦମ୍ପତି



ଅନୁଗୋଳ, ୩।୪ (ସମିସ): ଶୁଣିଲାନି ପୁଲିସ। ବାଧହୋଇ ନ୍ୟାୟ ପାଇବା ପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ(ଏସପି)ଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି ଛେଳିଆପଡ଼ା ଗ୍ରାମର ଦମ୍ପତି। ସୂଚନା ମୁତାବକ, ଗତ ମାର୍ଚ୍ଚ ୨୫ ତାରିଖ ଦିନ ଛେଳିଆପଡ଼ା ଗ୍ରାମର ବିନୋଦ ସ୍ୱାଇଁ ଏବଂ ବାସନ୍ତୀ ସ୍ୱାଇଁଙ୍କୁ ସେହି ଗ୍ରାମର କିଛି ଲୋକ ଘର ଭିତରେ ପଶି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ବାସନ୍ତୀ ସ୍ୱାଇଁଙ୍କୁ ରକ୍ତାକ୍ତ କରି ଦେଇଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଏ ଘଟଣା ବାବଦରେ ସେମାନେ ସଦର ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ତାଙ୍କ କଥା ଶୁଣି ନ ଥିଲା। ଏଣୁ ନ୍ୟାୟ ପାଇବା ପାଇଁ ଏହି ଦମ୍ପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି।

# ପାଲଲହଡ଼ାରେ ମୁକେଶ ଓ ଅଶୋକଙ୍କ ମଧ୍ୟରେ ପତିଆରା ଲଢ଼େଇ



ପ୍ରାର୍ଥୀ ସନ୍ଧାନରେ କଂଗ୍ରେସ



ପାଲଲହଡ଼ା, ୩।୪(ସମିସ): ୨୦୨୪ ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜିବା ପରେ ଚଳଚଞ୍ଚଳ ହୋଇପଡିଛି ରାଜ୍ୟ ରାଜନୀତି। ଢେଙ୍କାନାଳ ଲୋକସଭା ଅନ୍ତର୍ଗତ ଅନୁଗୋଳ ଜିଲ୍ଲାର ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ସବୁବେଳେ ଚର୍ଚ୍ଚାରେ ରହିଆସିଥାଏ। କାରଣ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିଜ ନିର୍ବାଚନ ମଣ୍ଡଳୀ ହେଉଛି ଏହି ପାଲଲହଡ଼ା। ୨୦୦୦ ମସିହାରେ ପ୍ରଥମ ଥର ପାଇଁ ବିଜେପି ପକ୍ଷରୁ ନିର୍ବାଚନ ମୈଦାନରେ ଅବତୀର୍ଣ୍ଣ ହୋଇଥିଲେ ଧର୍ମେନ୍ଦ୍ର। ପରେ ଏହି ଆସନ ଆଉ କେବେ ମଧ୍ୟ ବିଜେପି ଖାତାକୁ ଯାଇନାହିଁ। ୨୦୦୪ରେ ସେତେବେଳେର କଂଗ୍ରେସ ନେତା ତଥା ବର୍ତ୍ତମାନର ପରଜଙ୍ଗ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ନୃସିଂହ ଚରଣ ସାହୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କୁ ହରାଇ ବିଧାୟକ ନିର୍ବାଚିତ ହୋଇଥିଲେ। ସେହିପରି ୨୦୦୯ରେ ବିଜେଡିରୁ ରବି ପାଣି ଧର୍ମେନ୍ଦ୍ରଙ୍କୁ ୫୪୬୭ ଖଣ୍ଡ ଭୋଟରେ ପରାଜିତ କରି ବିଧାୟକ ହୋଇଥିଲେ। କିନ୍ତୁ ୨୦୧୪ରେ ବିଜେଡି ନିଜର ବିଧାୟକ ପ୍ରାର୍ଥୀ ବଦଳାଇ ମହେଶ ସାହୁଙ୍କୁ ପ୍ରାର୍ଥୀ କରିଥିଲା ଏବଂ ମହେଶ ସାହୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଖାସ୍ ଅନୁଗତ ବିଜେପିର ଅଶୋକ ମହାନ୍ତିଙ୍କୁ ୫୨୨୪ ଖଣ୍ଡ ଭୋଟରେ ପରାଜିତ କରି ବିଜେଡିକୁ ଦ୍ୱିତୀୟଥର ପାଇଁ ବାଜିମାତ କରିଥିଲେ। ସେହିପରି ୨୦୧୯ରେ ବିଜେଡି ପାଲଲହଡ଼ା ପଞ୍ଚାୟତ ସମିତିର ତତ୍କାଳୀନ ବିଜେପି ସମର୍ଥିତ ଅଧ୍ୟକ୍ଷ ମୁକେଶ ପାଲଙ୍କୁ ମହେଶ ସାହୁଙ୍କ ବଦଳରେ ପ୍ରାର୍ଥୀ କରିଥିବା ବେଳେ ସେ ବିଜେପି ପ୍ରାର୍ଥୀ ଅଶୋକ ମହାନ୍ତିଙ୍କୁ ୬୨୧୪ ଖଣ୍ଡ ଭୋଟରେ ପରାଜିତ କରି ବିଜେଡିର ବିଜୟ ବାନା ଉଡ଼ାଇଥିଲେ। ତେବେ ୨୦୨୪ ସାଧାରଣ ନିର୍ବାଚନ ବେଳେ ବିଜେଡି ତା'ର ଚିରାଚରିତ ପ୍ରାର୍ଥୀ ବଦଳ ଧାରାକୁ ବାଦ ଦେଇ ଗତଥରର ବିଧାୟକ ମୁକେଶ ପାଲଙ୍କୁ ପୁନର୍ବାର ପ୍ରାର୍ଥୀ ଘୋଷଣା କରି ପାଲଲହଡ଼ା ରାଜନୈତିକ ପାଣିପାଗକୁ ବଦଳାଇ ଦେଇଥିଲା। ଦୀର୍ଘ ୧୫ ବର୍ଷ ଧରି ବିଜେଡି ପାଲଲହଡ଼ା ନିର୍ବାଚନ ମଣ୍ଡଳୀକୁ ନିଜ ଅକ୍ତିଆରରେ ରଖି ଆସିଥିବା ବେଳେ ୨୦୨୪ ରେ ମୁକେଶଙ୍କ ସାଙ୍ଗଠନିକ ଦକ୍ଷତା ଉପରେ ଭରସା କରି ଗଡ଼ ଜୟ କରିବାକୁ ଆଶା ରଖିଛି। ବିଜେପି ଗତ ଦୁଇଥରର ପରାଜିତ ପ୍ରାର୍ଥୀଙ୍କୁ ପୁଣି ପ୍ରାର୍ଥୀ କରିଛି। ବିଜେଡିର ପ୍ରାର୍ଥୀ ଘୋଷଣା ପରେ ବିଜେଡି ଶିବିର ଚଳଚଞ୍ଚଳ ହୋଇଥିବା ବେଳେ ନିଜ ସଂଗଠନକୁ ଧରି ନିର୍ବାଚନ ବୈତରଣୀ ପାର ହେବାକୁ ଚେଷ୍ଟା ଜାରିରଖିଛନ୍ତି ମୁକେଶ। ବହୁଦିନ ପ୍ରାର୍ଥୀ ବଦଳ ଇତିହାସକୁ ବଦଳେଇ ଦ୍ୱିତୀୟ ବାର ବିଧାୟକ ହୋଇ ବିଜେଡିକୁ ବିଜୟ ବାନା ପିନ୍ଧାଇବାକୁ ଆଶା ରଖିଛନ୍ତି। କିନ୍ତୁ ବିଜେପି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ନିଜ ଗଡ଼ରେ ପୁଣି ଥରେ ଅଶୋକଙ୍କୁ ପ୍ରାର୍ଥୀ କରିଥିବାରୁ ବିଜେପି ଶିବିରରେ ନିରାଶା ଛାଇଯାଇଛି। ବିଜେପିର ଅନେକ ଆଗଧାଡ଼ିର ନେତା ଏବେ ଅଶୋକଙ୍କୁ ବିରୋଧ କରିବା ଆରମ୍ଭ କରି ସାରିଲେଣି। ସେହିପରି ଦେଶର ପୁରାତନ କଂଗ୍ରେସ ନିଜର ଅସ୍ତିତ୍ୱ ବଞ୍ଚାଇବାକୁ ଚେଷ୍ଟା ଜାରି ରଖିଛି। ୧୯୯୫ ରେ କଂଗ୍ରେସର ବିଭୁଧେନ୍ଦ୍ର ଦାଶ ଏବଂ ୨୦୦୪ରେ ନୃସିଂହ ଚରଣ ସାହୁ କଂଗ୍ରେସକୁ ପାଲଲହଡ଼ା ମାଟିରେ ବିଜୟର ସ୍ୱାଦ ଚାଖିବାକୁ ଦେଇଥିଲେ ମଧ୍ୟ ତା ପରେ କଂଗ୍ରେସ କେବେ ଅଣ୍ଟା ସଳଖି ଠିଆ ହୋଇପାରିନାହିଁ। ମଙ୍ଗଳବାର କଂଗ୍ରେସ ଅନେକ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲେ ମଧ୍ୟ ପାଲଲହଡ଼ା ନାଁ ଆସିନାହିଁ। ଗତ ଥରର ପ୍ରାର୍ଥୀ ଦୀପକ ଗଡନାୟକ ନାଁ ଚର୍ଚ୍ଚାରେ ଥିବା ବେଳେ ବିଜେଡି ଛାଡି କଂଗ୍ରେସରେ ସଦ୍ୟ ଯୋଗଦାନ କରିଥିବା ମନୋଜ ସାହୁଙ୍କୁ ଦଳ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ଚାଲିଛି। ବିଜେପିର ଅଶୋକ ମହାନ୍ତି ପ୍ରାର୍ଥୀ ହୋଇଥିଲେ ମଧ୍ୟ ଏହା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ନିଜ ଅଞ୍ଚଳ ହୋଇଥିବାରୁ ପ୍ରତ୍ୟକ୍ଷ ଭାବରେ ଧର୍ମେନ୍ଦ୍ର ନିର୍ବାଚନ ଲଢିବେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି ଏବଂ ୨୦୨୪ ସାଧାରଣ ନିର୍ବାଚନ ବିଜେଡିର ମୁକେଶ ପାଲ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମଧ୍ୟରେ ହେବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## ଛାତ୍ରଙ୍କ କୃତିତ୍ୱ



ମୟୂରଭଞ୍ଜ ଜିଲ୍ଲା, ବଡ଼ସାହି ବ୍ଲକ ପ୍ରତାପପୁର ସାନନୂଆଗାଁ ଗ୍ରାମର ସୁମିତ କୁମାର ବେହେରାଙ୍କ ପୁଅ ସଚିନ, ନବୋଦୟ ସ୍କୁଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କୃତିତ୍ୱ ହାସଲ କରିଛନ୍ତି । ସେ ବୀରେଶ୍ୱରପୁର ପଞ୍ଚାୟତର ଶିରିଡିସାଇ ଇଂରାଜୀ ମାଧ୍ୟମ ସ୍କୁଲରୁ ୫ମଶ୍ରେଣୀ ପାସ କରିଛନ୍ତି। ନବୋଦୟ ସ୍କୁଲର ଷଷ୍ଠ ଶ୍ରେଣୀରେ ଅଧ୍ୟୟନ ପାଇଁ ହୋଇଥିବା ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଥିବାରୁ ପିତା-ମାତା ସମେତ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।


## ଅଳମତି ବିସ୍ତରେଣ

(ପଠନ ପାଠନ ମୁହୂର୍ତ୍ତରୁ ଦୃଷ୍ଟି ତୋଳି ଦେଖ ନିଜ ହାତେ ନିଜ ଭାଗ୍ୟ ଡୋରୀ)

୧- ମାତୃପିତୃ ଋଣ ଅପରିଶୋଧେନ ପାପମା, ମୁଖାଗ୍ନି ବଞ୍ଚିତ ପରିଣାମୋତି।
୨- ଅଭକ୍ଷ ଗ୍ରହଣ ଦୋଷ ଦହ୍ୟତେ ଦେହମ୍, ରୋଗ ଭୋଗ୍ୟମ୍ କୁମ୍ଭୀପାକ ନର୍କ।
୩- ଧର୍ମ ଧାସେ ଗ୍ଲାନି ଧର୍ମ ସୌଦାଗରଃ, ଶଠ୍ୟତେ ଅନ୍ୟମ୍ କାଳସୂତ୍ର ଦଣ୍ଡମ୍।
୪- ସତ୍‌ପଥଙ୍କ କଣ୍ଟକ ଯଃ ବିଷ୍ଟଃ, ଆତତାୟୀ ସମା ଶୁକରମୁଖ ଜନ୍ମନି।
୫- ଶଠଙ୍କ ସମାହାର କୃପଣ କ୍ଷମତାନ୍ଧଃ, ପରଜନ୍ମନି ବିଷଧର ଜୀବନଂ।
୬- ମହତ ଜନସ୍ୟ ଛିଦ୍ରାନୁସ୍ୱେଣ ଷଡଯନ୍ତ୍ରଃ ଶୁଳଃ, ଆତୁଙ୍ଗ କ୍ଷତିକାରକଃ।
୭- ପରଧନ ଲୋଭାତ୍ ଚୌର୍ଯ୍ୟଂ କଳିକଳୁଷେତି, କାରବାସ ଜନ୍ତୁନଂ ଜନ୍ମନି।
୮- ଈର୍ଷା ଅସୂୟା କର୍କଟ ଗୁଣା ଏବ, ଅକର୍ମାଜସ୍ୟୁଃ ରୌରବ ଦଣ୍ଡ ପ୍ରାପ୍ୟମ୍।
୯- ଦୁର୍ନୀତି ଭ୍ରଷ୍ଟାଚାରୀ ଧନେ ଧନିକଃ, ଅସ୍ତିପତ୍ର ଯକ୍ଷେବ ଯଥା ପରଜନ୍ମମ୍।
୧୦- ପରନିନ୍ଦା ପରଚର୍ଚ୍ଚା ଅନ୍ତର୍ମଳ ମନାଃ, ଆତ୍ମହତ୍ୟା ଦୋଷେ ଅବଗ୍ୟାନମ୍।
୧୧- ଭୋଗ ବିଭୋର ଅର୍ଥାର୍ଥୀ ଅସଦା ଚରିତେ, ଅନ୍ଧକୂପେ ବନ୍ଦୀ କୁକର୍ମ ରତେ।
୧୨- ଅବଦାନ ଶୂନ୍ୟ ସଂଗଛନ୍ତି ଅହଂକାରଃ, ଅରଣ୍ୟ ରୋଦନ ଛାଗଳ ଜନ୍ମନି।
୧୩- ଆତ୍ମଦ୍ରୋହୀ ଧର୍ମସ୍ୟ ଅର୍ଥ ନ ଜାନାତି ଓଧ, ନ ଚ ବୁଦ୍ଧ ନିର୍ବାଣ ନିମିତ୍ତଂ।
୧୪- ସଦାତ୍ମା ସ୍ୱଧୟା ଜନ୍ମବାସୋ ଜୀବନଂ ହି, କଲ୍ୟାଣକୃତ କଶ୍ଚିତ୍ ନ ଦୁର୍ଗତିଂ।
୧୫- ନାମଧେୟ କର୍ମଂ, ପଙ୍କଜପି ପ୍ରତିଷ୍ଠାପ୍ୟ, ବିଧି ଯସ୍ୟ ବଶ ଦଣ୍ଡ ନାସ୍ତି।

| THE BED SEED OF LIFE | THE GOOD SHRINE OF LIFE |
|---|---|
| 1- Disobedience to parents. | 1- Life for love, stop hatred. |
| 2- Lie and libility. | 2- Wise ruler sans power. |
| 3- Avoiding right excepting wrong | 3- A teacher of truth. |

- ଶମିତ୍ୟୋମ୍ -
ସନ୍ଥମୂର୍ତ୍ତି-ଚଳଭାଷ-୯୪୩୯୪୮୦୦୦୦

■ ୩ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍

**କେନ୍ଦ୍ରାପଡ଼ା, ୩।୪(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଅଞ୍ଚଳର ବହୁଚର୍ଚ୍ଚିତ ୩ ବର୍ଷ ବୟସର ଶିଶୁ କନ୍ୟାକୁ ଦୁଃଷ୍କର୍ମ ମାମଲାରେ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟର ବିଚାରପତି ତ୍ରିବିକ୍ରମ କେଶରୀ ଚିନ୍ନରା ମାମଲାର ଶୁଣାଣି କରି ସମସ୍ତ ସାକ୍ଷ୍ୟପ୍ରମାଣ ଆଧାରରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀକୁ ୧୦ ବର୍ଷ ଜେଲ୍ ଦଣ୍ଡ ଓ ଜରିମାନା ଦାଖଲ ନକଲେ ଅତିରିକ୍ତ ୧ ବର୍ଷ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ଏଥିସହ ପୀଡିତାଙ୍କୁ ଅନୁକମ୍ପାମୁଳକ ସହାୟତା ରାଶି ବାବଦକୁ ୫ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଆଇନ୍ ସେବା ପ୍ରାଧୀକରଣକୁ କୋର୍ଟ ଆଦେଶ ପ୍ରଦାନ କରିଛନ୍ତି। ଘଟଣାରୁ ପ୍ରକାଶ ଯେ ୨୦୧୭ ମସିହା ନଭେମ୍ବର ୧୩ ତାରିଖରେ ଜଣେ ୩ବର୍ଷର ଶିଶୁ ତାର ନିଜ ଘର ପାଖରେ ଖେଳୁଥିବା ସମୟରେ ରାଜକନିକା ଥାନା ଅନ୍ତର୍ଗତ କୋଠସାହି ଗ୍ରାମର ରମେଶ ମଲ୍ଲିକଙ୍କ ପୁଅ ରାଜୁ ଓରଫ୍ ରାଜେଶ ମଲ୍ଲିକ(୩୦) ତାକୁ ଚକୋଲେଟ୍ ଦେବ ବୋଲି ପ୍ରଲୋଭିତ କରି ଘର ପଛପଟକୁ ନେଇଯାଇ ଦୁଷ୍କର୍ମ କରିଥିଲା। ଏହି ସମୟରେ ପୀଡିତା କାନ୍ଦିବାରୁ ତାଙ୍କ ମା' କାନ୍ଦ ଶୁଣି ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହା ଦେଖି ତାର ମା ଆସି ଉଦ୍ଧାର କରିଥିଲେ। ଅଭିଯୁକ୍ତ ରାଜୁ ତାଙ୍କୁ ଗାଳି ଦେବା ସହ ଏ ବାବଦରେ କାହା ଆଗରେ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ପୀଡିତାଙ୍କ ମା' ପୀଡିତାକୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ରାଜକନିକା ଡାକ୍ତରଖାନାକୁ ନେଇଯାଇଥିଲେ। ସେହିଦିନ ରାଜକନିକା ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ରାଜକନିକା ପୁଲିସ ତଦନ୍ତ କରି ଅଭିଯୁକ୍ତକୁ ୨୦୧୭ ମସିହା ନଭେମ୍ବର ୩୦ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା ଓ ୨୦୧୮ ମାର୍ଚ୍ଚ ମାସ ୮ ତାରିଖରେ ଚୂଡାନ୍ତ ରିପୋର୍ଟ ଦାଖଲ କରିଥିଲା। କୋର୍ଟରେ ଚୁଡାନ୍ତ ରିପୋର୍ଟ ଦାଖଲ ହେବା ପରେ ଶୁଣାଣି ତ୍ୱରାନ୍ୱିତ ହୋଇଥିଲା। କୋର୍ଟ ୧୭ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ରାଜୁକୁ ଦୋଷୀ ସାବ୍ୟସ୍ତ କରି ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟର ବିଚାରପତି ୧୦ ବର୍ଷ ଜେଲ୍ ଦଣ୍ଡ ଓ ଜରିମାନା ଦାଖଲ ନକଲେ ଅତିରିକ୍ତ ବର୍ଷେ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ରାୟରେ ସ୍ପଷ୍ଟ କରିଛନ୍ତି। ଏବେ ସେ ଜେଲ୍‌ରେ ବିଚାରଧୀନ ବନ୍ଦୀ ଭାବେ ଅଛି। ସରକାରାଙ୍କ ତରଫରୁ ସ୍ୱତନ୍ତ୍ର ପିପି ମନୋଜ ସାହୁ ମାମଲା ପରିଚାଳନା କରୁଥିଲେ।

## ଅଂଶୁଘାତର ମୁକାବିଲା ପାଇଁ ସମୀକ୍ଷା ବୈଠକ

**କେନ୍ଦ୍ରାପଡ଼ା, ୩।୪(ସମିସ)**



ରାଜ୍ୟରେ ଆରମ୍ଭ ହୋଇଯାଇଛି ଗ୍ରୀଷ୍ମର ଲହରୀ। ଏହାର ମୁକାବିଲା ପାଇଁ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଶୂନ୍ୟ ମୃତ୍ୟୁହାର ଉପରେ ଗୁରୁତ୍ୱ ଦେବା ସହ ଅଂଶୁଘାତର ସଫଳ ମୁକାବିଲା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ କ'ଣ ସବୁ ପଦକ୍ଷେପ ନେଇଛନ୍ତି ତାହାର ବିବରଣୀ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଅବଗତ କରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଶଯ୍ୟାର ବ୍ୟବସ୍ଥା କରିବା ସହ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଓ ଯଥାର୍ଥ ପରିମାଣର ଔଷଧ, ଓଆର୍‌ଏସ୍ ଆଦି ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ସ୍କୁଲ ଓ ଅଙ୍ଗନବାଡ଼ିରେ ପାନୀୟ ଜଳର ସୁବିଧା ଉପଲବ୍ଧ କରାଇବା ସହ ପର୍ଯ୍ୟାପ୍ତ ପରିମାଣର ଓଆର୍‌ଏସ୍ ପ୍ୟାକେଟ୍ ଆଦି ମହଜୁଦ ରଖିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାର ସମସ୍ତ ବ୍ଲକର ବିଭିନ୍ନ ସ୍ଥାନରେ ପାନୀୟ ଜଳସେବା କେନ୍ଦ୍ର ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ତହସିଲ, ବ୍ଲକ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ ଆଦି ସମ୍ପୃକ୍ତ ବିଭାଗରେ ସପ୍ତାହରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି ବୋଲି ଜିଲ୍ଲାପାଳଙ୍କୁ ବିଭାଗୀୟ ଅଧିକାରୀ ଅବଗତ କରାଇଥିଲେ। ଅଂଶୁଘାତଜନିତ ମୃତ୍ୟୁ ଖବର ୨୪ ଘଣ୍ଟା ମଧ୍ୟରେ ଜିଲ୍ଲା ପ୍ରଶାସନକୁ ଜଣାଇବା ସହ ଡାକ୍ତର ଓ ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରା ଯୁଗ୍ମ ତଦନ୍ତ କରାଯାଇ ଶବ ବ୍ୟବଚ୍ଛେଦ ରିପୋର୍ଟ ୩୬ ଘଣ୍ଟା ମଧ୍ୟରେ ସ୍ୱତନ୍ତ୍ର ରିଲିଫ୍ କମିସନରଙ୍କୁ ଅବଗତ କରିବାକୁ ସେ ପରାମର୍ଶ ଦେଇଥିଲେ। ନିରନ୍ତର ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅନୀତା ପଟ୍ଟନାୟକ, ଡେପୁଟି କଲେକ୍ଟର ପଲ୍ଲବୀ ପାତ୍ର, ସମସ୍ତ ବ୍ଲକର ବିଡିଓ, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

■ ଭୁବନେଶ୍ୱରରେ ମହାକାଳପଡ଼ା ଟିକଟ କଳି

## ଭାଜପା ପ୍ରାର୍ଥୀଙ୍କୁ ବିରୋଧ, ରାଜ୍ୟ କାର୍ଯ୍ୟାଳୟରେ ପ୍ରତିବାଦ



**ମହାକାଳପଡ଼ା, ୩।୪(ସମିସ):** ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଚୟନକୁ ନେଇ ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟ ନିକଟରେ ବୁଧବାର ପ୍ରତିବାଦର ସ୍ୱର ଉଠିଛି।ଶତାଧିକ ଭାଜପା କର୍ମୀ ଶୋଭାଯାତ୍ରାରେ ଯାଇ ମହାକାଳପଡ଼ାର ପ୍ରାର୍ଥୀ ଚୟନକୁ ବିରୋଧ କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ବୈଜୟନ୍ତ ତୁମର ମନମାନୀ ଚଳିବ ନାହିଁ, ବୈଜୟନ୍ତ ବାବୁ ତୁମ ସଳା ସୁତୁରା ନୀତି ଚଳିବ ନାହିଁ', ଯଦି ଚଳିବ ନିଆଁ ଜଳିବ ' ଦୁର୍ଗା ପ୍ରସନ୍ନ ମୁର୍ଦାବାଦ, ସୌଭାଗ୍ୟ ପରିଡ଼ା ଜିନ୍ଦାବାଦ ସ୍ଲୋଗାନ ଦେଇ ଶତାଧିକ କର୍ମୀ ପ୍ରତିବାଦ କରିଛନ୍ତି।ପାଞ୍ଚ ବର୍ଷ ଧରି ସଂଗଠନକୁ ସୁଦୃଢ କରି ଆସୁଥିବା କର୍ମୀଙ୍କୁ ଅଣଦେଖା କରାଯାଇଛି ବୋଲି ଗଣମାଧ୍ୟମ ଆଗରେ କହିଛନ୍ତି ବିକ୍ଷୋଭ ପ୍ରଦର୍ଶନ କରୁଥିବା କର୍ମୀ। ମହାକାଳପଡ଼ାରେ ଦୀର୍ଘ ଦିନ ଧରି ଭାଜପା ସଂଗଠନକୁ ସୁଦୃଢ କରିବାକୁ ଉଦ୍ୟମ କରୁଥିବା ଡ.ସୌଭାଗ୍ୟ ପରିଡ଼ାଙ୍କୁ ବିଧାୟକ ପଦରେ ଲଢ଼ିବା ପାଇଁ ଦଳୀୟ ଟିକେଟ ଦିଆ ନ ଯାଇ ଅର୍ଥ କାରବାର କରି ନିଜ ମନମାନିରେ ଭାଜପା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଦୁର୍ଗା ପ୍ରସନ୍ନ ନାୟକଙ୍କୁ ଟିକେଟ ଦେଇଥିବା ନେଇ ଅଭିଯୋଗ କରିଛନ୍ତି।ସୂଚନା ଥାଉ କି ବରିଷ୍ଠ ନେତା ଭୁବନ ମୋହନ ଜେନା, ଜାନକୀ ପ୍ରଧାନ, ଭାଜପାରେ ମିଶିଥିବା ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ସଞ୍ଜୟ ରଥ, ପ୍ରତାପ ଚନ୍ଦ୍ର ଦାସ ପ୍ରମୁଖ ଟିକେଟ ଆଶାୟୀ ଥିଲେ।କୁହୁଳୁଥିବା ଅସନ୍ତୋଷକୁ ଆଜି ସୌଭାଗ୍ୟ ପରିଡ଼ାଙ୍କ ସମର୍ଥକ ମାନେ ପ୍ରକାଶ କରିଥିବା ବେଳେ ଆଗକୁ ଆହୁରି ଭୟଙ୍କର ରୂପ ନେଇପାରେ ବୋଲି ମହାକାଳପଡ଼ାରେ ଚର୍ଚ୍ଚା ହେଉଛି।



## ସରସ୍ୱତୀ ଶିଶୁମନ୍ଦିରରେ ଶିଶୁ ମହୋତ୍ସବ




**ପଟ୍ଟାମୁଣ୍ଡାଇ, ୩।୪(ସମିସ):** ପଟ୍ଟାମୁଣ୍ଡାଇ ରାଧାରମଣ ମଠ ପରିସରରେ ଥିବା ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିରରେ ୧୩ତମ ବାର୍ଷିକ ଶିଶୁ ମହୋତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସମହାରାଜ ଉଦଘାଟନ କରିଥିଲେ। ପ୍ରଧାନଆଚାର୍ଯ୍ୟ ନାରାୟଣ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ମନୋଜ୍ଞ ଉତ୍ସବରେ ଓଡ଼ିଶା ଶିକ୍ଷା ବିକାଶ ସମିତି ସମ୍ପାଦକ ସୁବାଷ ପାଇଟାଳ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ଓକିଲ ସଂଘ ସଭାପତି ତପନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ ହୋଇଥିବାରୁ ଏକ ବିକଶିତ ସୁଦୃଢ ଦେଶ ଓ ରାଜ୍ୟ ଗଠନ ପାଇଁ ଶିଶୁ ପ୍ରତିଭାମାନେ ବିଭିନ୍ନ କ୍ଷେତ୍ରରେ ବିକଶିତ ହେବା ଦରକାର ବୋଲି ମତପ୍ରକାଶ କରି ଏ ଦିଗରେ ସମସ୍ତେ ନିଷ୍ଠାପର ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ।ସହକାରୀ ପ୍ରଧାନଆଚାର୍ଯ୍ୟ ଅଜିତ ମଲ୍ଲିକ ସ୍ୱାଗତ ଭାଷଣ ଓ ପ୍ରଭୁଦତ୍ତ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସମ୍ପାଦକ ଅମ୍ବୁଜ ଭୂଷଣ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ମୃତ୍ୟୁଞ୍ଜୟ ସୂତାର ଧନ୍ୟବାଦ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଭାକର ସାହୁ, ପ୍ରଭାସ ବେହେରା, ସୁଲୋଚନା ମିଶ୍ର, ମୋନାଲିସା ସାହୁ, ଭାଗ୍ୟଶ୍ରୀ ଜେନା ସାଗରିକା ଦାଶ, ବିଜୟଲକ୍ଷ୍ମୀ ପରିଡ଼ା, ସୁଭାଷିନୀ ସାହୁ, ପ୍ରଭାତୀ ଦାସ, ସୁଚିତ୍ରା ମହାନ୍ତି, ମମତା ଦେ, କୃଷ୍ଣାରାଣୀ ଦାସ, ବର୍ଷାରାଣୀ ମହାନ୍ତି ପରିଚାଳନା କରିଥିବାବେଳେ କଳ୍ପନା ସେନାପତି, ଜ୍ୟୋସ୍ନାରାଣୀ ପ୍ରଧାନ, ତନିଷା ବିଶ୍ୱାଳ, ଡଲି ଦାସ, ସୁପ୍ରିୟା ପ୍ରଧାନ, ରଶ୍ମିତା ବେହେରା, ଲିଜାରାଣୀ ଜେନା, ପ୍ରଜ୍ଞାସ୍ମିତା ପଣ୍ଡା, ଅର୍ପିତା ଦାସ ଓ ସ୍ମିତା ଦାସ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।ଶିଶୁ ଶିକ୍ଷା ମନ୍ଦିରର କୁନି କୁନି ପିଲାମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ବିଷ୍ଣୁ ଚରଣ ମହାନ୍ତିଙ୍କ ବିୟୋଗରେ ଶୋକସଭା



**ଗରଦପୁର, ୩।୪(ସମିସ):** ଗରଦପୁର ପାଠାଗାର ପ୍ରକୋଷ୍ଠରେ ବଶିଷ୍ଟ ସଂସ୍କୃତ ସମ୍ପନ୍ନ ବ୍ୟକ୍ତି ବିଷ୍ଣୁ ଚରଣ ମହାନ୍ତିଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବିଷ୍ଣୁ ଚରଣ ମହାନ୍ତି ନିଖିଳ ଉତ୍କଳ ସଂକୀର୍ତନ ମହାସଂଘର ସଭାପତି ଥିବା ଅବସ୍ଥାରେ ୭୪ ବର୍ଷରେ ମୃତ୍ୟୁବରଣ କରିଛନ୍ତି। ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘ ଗରଦପୁର ଜୋନ୍ ପକ୍ଷରୁ ଆୟୋଜିତ ଶୋକସଭାରେ ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘର ଉପସଭାପତି ପ୍ରକୃତିବନ୍ଧୁ ଦ୍ୱାରିକାନାଥ ସେନାପତି ସଭାପତିତ୍ୱ କରିଥିଲେ।ପ୍ରାରମ୍ଭରେ ସ୍ୱର୍ଗତ ମହାନ୍ତିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ମହାନ୍ତି ଜଣେ ସଂକୀର୍ତ୍ତନ ପ୍ରେମୀ ବ୍ୟକ୍ତି ହିସାବରେ ନିଜ ପ୍ରତିଭାର ପରିଚୟ ଦେଇଥିଲାବେଳେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜଡିତ ଥିଲେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଏହି ଶୋକସଭାରେ ସଂକୀର୍ତ୍ତନ କଳାକାର ଶିଶିର କୁମାର ପରିଡ଼ା, ସ୍ୱାଧୀନ ସେନାପତି, ବିମଳ ପ୍ରସାଦ ଜେନା, ଅନାମ ଚରଣ ପଣ୍ଡା, ଦୀପକ ପାଣି, ନବାବ ପଣ୍ଡା, ଆଶିଷ ନାୟକ, ଅରୁଣ କୁମାର ପଣ୍ଡା, ଉପେନ୍ଦ୍ର ବାରିକ, ନୃସିଂହ ସାହୁ, ଶରତ ଚନ୍ଦ୍ର ସେନାପତି, ଅଧ୍ୟାପକ ମନୋରଞ୍ଜନ ଦାଶ, ଶିବ ପ୍ରସାଦ ପଣ୍ଡା ପ୍ରମୁଖ ଯୋଗଦେଇ ଶୋକବ୍ୟକ୍ତ କରିଥିଲେ।

## କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ପଟ୍ଟାମୁଣ୍ଡାଇ, ୩।୪(ସମିସ):** ଚଳିତ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଅନନ୍ୟ ସଫଳତା ହାସଲ କରିଥିବା ଗୋଗୁଆ ଉପ୍ରା ବିଦ୍ୟାଳୟ ଛାତ୍ରୀ ସୁଲଗ୍ନା ସ୍ଥିତିପ୍ରଜ୍ଞାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।ଏହି ଉପଲକ୍ଷେ ଗୋଗୁଆ ସ୍କୁଲଠାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା ଓ ଏଥିରେ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ଭୋଇ, ସହକାରୀ ଶିକ୍ଷକ ପୁଷ୍ପରେଖା ରାଉତ ଶ୍ରୀଧର ସାହୁ, ପ୍ରମୋଦିନୀ ମିଶ୍ର ଓ ଅକ୍ଷୟ ସେଠୀ ଯୋଗ ଦେଇ କୃତି ଛାତ୍ରୀ ସୁଲଗ୍ନା ସ୍ଥିତିପ୍ରଜ୍ଞାଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ପିତା ସତ୍ୟବ୍ରତ ପ୍ରସାଦ ଓ ମାତା ଶିକ୍ଷୟିତ୍ରୀ ପ୍ରତ୍ୟୁଷା ଦେବଦର୍ଶନୀ ସାହୁଙ୍କୁ ସମ୍ମାନିତ କରିଥିଲେ ଓ କୃତି ଛାତ୍ରୀ ସୁଲଗ୍ନା ସ୍ଥିତିପ୍ରଜ୍ଞାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।



## ହଂସୁଆ କଳା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ




**ରାଜନଗର, ୩।୪(ସମିସ):** ରାଜନଗର ବ୍ଲକର ଅଗ୍ରଣୀ ହଂସୁଆ କଳା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜନଗର ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ ଦୁଇଦିନ ଧରି ଚାଲିଥିଲା। ଉଦ୍‌ଘାଟନ ଉତ୍ସବରେ ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଗାନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ମାନସ ରଞ୍ଜନ ମିଶ୍ର, ମୁଖ୍ୟବକ୍ତା ସାମ୍ବାଦିକ ଦୋଳ ଗୋବିନ୍ଦ ଜେନା, ତୁଷାରକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପିକା ତନୁଶ୍ରୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଶତ୍ରୁଘ୍ନ ତରାଇ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କଳା କ୍ଷେତ୍ରରେ ମଞ୍ଚ ଅଭିନେତା ତୁଷାରକାନ୍ତ ବେହେରା, ସଙ୍ଗୀତଜ୍ଞ ସଂଗ୍ରାମ ବେହେରା, ଅଭିନେତା ତାରିକ ରାଉତ ଓ ନୃତ୍ୟଶିଳ୍ପୀ ଅର୍ପିତା ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସଂଧ୍ୟାରେ ଅଧ୍ୟାପିକା ତନୁଶ୍ରୀ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଅକ୍ଷୟ କୁମାର ରାଉତ, ଆପୁଆର ନିର୍ଦ୍ଦେଶକ ବିଜୟ କୁମାର କବି, ଅଧ୍ୟାପିକା ଭଗବତୀ ରାଉତ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ଶତ୍ରୁଘନ ତରାଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପରେ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଚୀନ ଦାସ, ଗୌତମ ଜେନା, ବିଶ୍ୱଜିତ କୁଣ୍ଡ, ମନୋଜ ଦାସ, ବାଲ୍ମିକୀ ଜେନା, କଳ୍ପତରୁ ଖଣ୍ଡୁଆଳ, ଜୁଇ ଦାସଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ସହଯୋଗ କରିଥିଲେ।

### ନିକ୍ଷେପିତଙ୍କୁ ଠକୁଛନ୍ତି ଥାନା ଦଲାଲ

## ଏତଲା ପିଛା ୨ ଶହ, କେଶ୍ ପାଇଁ ୨ ହଜାର

**କେନ୍ଦ୍ରାପଡ଼ା, ୩।୪(ସମିସ)**

ଗରିବ, ନିକ୍ଷେସିତ ଓ ନିରକ୍ଷରଙ୍କୁ ବିଶେଷଭାବରେ ଥାନାରେ ଠକେଇର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଯଦି କାହାର କିଛି ସମସ୍ୟା ହୋଇଛି ଆଉ କେଶ ନେଇ କୌଣସି ଥାନାକୁ ଯାଉଛନ୍ତି ତେବେ ସେମାନଙ୍କୁ ମୋଟା ଅଙ୍କର ଅର୍ଥ ଦେବାକୁ ପଡୁଛି ବୋଲି ଅଭିଯୋଗ ହେଉଛି। ପ୍ରତ୍ୟେକ ଦିନ ନିରୀହମାନେ ଦଲାଲଙ୍କ ଶିକାର ହୋଇ ନ୍ୟାୟ ପାଇବାକୁ ହଜାର ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ଥାନାଗୁଡ଼ିକରେ ମାଗଣାରେ ଅଭିଯୋଗ ଲେଖିବା ଆଉ ପଞ୍ଜିକରଣ ବ୍ୟବସ୍ଥା ଥିଲେ ମଧ ନିର୍ଦ୍ଦିଷ୍ଟ କେତେଜଣ ଏତଲା ଲେଖିବାକୁ ବ୍ୟବସାୟ ଆରମ୍ଭ କରିଛନ୍ତି।କେନ୍ଦ୍ରାପଡ଼ା ଜିଲ୍ଲାର ୧୭ ଗୋଟି ଥାନା ସମ୍ମୁଖରେ ଏବେ ଏହି ବ୍ୟବସାୟ ଜୋରରେ ଚାଲୁଛି।ଏହି ବ୍ୟବସାୟ କେତେଜଣ ଥାନା ଦଲାଲ ଆରମ୍ଭ କରିଛନ୍ତି। ପ୍ରତ୍ୟେକ ଥାନାକୁ ଦୈନିକ ଅନ୍ୟୁନ ୨୦ରୁ ଉର୍ଦ୍ଧ୍ୱ ଅଭିଯୋଗ ହେଉଛି। ଗୋଟିଏ ଗୋଟିଏ ଅଭିଯୋଗ ଲେଖିବାକୁ ୨ ଶହ ଟଙ୍କା ଆଦାୟ ହେଉଥିବା ବେଳେ ଥାନାରେ ଏତଲା ପଞ୍ଜିକରଣ ପାଇଁ ୨ ହଜାର ଟଙ୍କା ଖର୍ଚ୍ଚ ଦେବାକୁ ପଡୁଛି ବୋଲି ଅଭିଯୋଗ ହେଉଛି। ତେବେ କୌଣସି ଗରିବ ନିରକ୍ଷର ବ୍ୟକ୍ତି ଥାନା ପର୍ଯ୍ୟନ୍ତ ଯାଇ ଏତଲା ଦେବା ବେଳକୁ ଦଲାଲ ୨୨ ଶହ ଟଙ୍କା ପର୍ଯ୍ୟନ୍ତ ଆଦାୟ କରି ନେଇ ଯାଉଛନ୍ତି। ତେବେ ଏହି କାରଣରୁ ଅନେକ ବ୍ୟକ୍ତି ଥାନାକୁ ଗଲେ ଟଙ୍କା ଖର୍ଚ୍ଚ ହେବ ଭାବି ନ୍ୟାୟରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି।ଏ ନେଇ କେତୋଟି ଥାନା ବୁଲିବା ବେଳେ ଏହିଭଳି କିଛି ଘଟଣା ସାମ୍ନାକୁ ଆସିଥିଲା। ଗତ ସପ୍ତାହରେ କଳାବୁଦା ଅଞ୍ଚଳର ଲିଜା ମହାପାତ୍ର ନାମ୍ନୀ ଜଣେ ମହିଳା କୁଦାନଗରୀ ଥାନାକୁ ନ୍ୟାୟ ଭିକ୍ଷା କରିବାକୁ ଯାଇଥିଲେ। ତେବେ ସେ ଏତଲା ଲେଖି ଜାଣିନଥିବାରୁ ତାଙ୍କୁ ଥାନା ସମ୍ମୁଖ ଏକ ଦୋକାନକୁ ପଠାଯାଇଥିଲା।ଏନେଇ ମହିଳା ଜଣଙ୍କ ସେହି ଦୋକାନକୁ ଯାଇ ଜଣଙ୍କ ନିକଟରେ ନିଜର ହୋଇଥିବା ସମସ୍ୟା ସମ୍ପର୍କରେ କହିଥିଲେ। ଏନେଇ ବ୍ୟବସାୟୀ ଜଣଙ୍କ ଏତଲା ଲେଖିବା ପରେ ୨ ଶହ ଟଙ୍କା ନେଇଥିଲେ। ମହିଳା ଜଣଙ୍କୁ ପଚାରିବାରୁ ସେ ଏତଲା ଲେଖିଦେବାକୁ ୨ ଶହ ଟଙ୍କା ଦେଇଥିବା କହିଥିଲେ।ସେହିଭଳି ଆଉ ଏକ ଥାନାରେ ଏତଲା ପଞ୍ଜିକରଣ କରିବାକୁ ଦଲାଲ କିସ୍ତିରେ ଅଭିଯୋଗକାରୀଙ୍କଠାରୁ ୨ ହଜାର ଟଙ୍କା ନେଇଥିବା ଅଭିଯୋଗ ହୋଇଛି।ତେବେ ଅଭିଯୋଗକାରୀ ଥାନାକୁ ନ୍ୟାୟ ପାଇବାକୁ ଯାଇ ଏତେ ଟଙ୍କା ଖର୍ଚ୍ଚ କରିବା ଅପେକ୍ଷା ଭଗବାନଙ୍କୁ ଡାକି ଘରେ ରହିବାକୁ ଶ୍ରେୟ ମଣୁଛନ୍ତି ବୋଲି ମତପ୍ରକାଶ ପାଇଛି।କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଥାନାରେ ଦଲାଲଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ତେବେ ଆଇନକାନୁନକୁ ଜଳାଞ୍ଜଳି ଦେଇ ପୁଲିସର ଭାବମୂର୍ତ୍ତିକୁ ସାଧାରଣରେ ଖରାପ କରାଇ ଦଲାଲ ମାଲେମାଲ ହେଉଛନ୍ତି। ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଅଭିଯୋଗକାରୀଙ୍କୁ ପୁଲିସ ବାବୁ ଖର୍ଚ୍ଚ ପାଇଁ ଟଙ୍କା ମାଗିଛନ୍ତି କହି ଦଲାଲ ଟଙ୍କା ମାଗୁଛନ୍ତି। ବର୍ଷ ବର୍ଷ ଧରି ଦଲାଲମାନେ ଥାନା, ବ୍ଲକ ଆଉ ତହସିଲ ନାଁରେ ଲୋକଙ୍କୁ ଲୁଟୁଥିବା ଅଭିଯୋଗ ହୋଇଛି। ଦଲାଲଙ୍କର ଏହା ହେଉଛି ରୋଜଗାରର ନୂଆ ଫଣ୍ଡା।ଏହାକୁ ଆପଣେଇ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ତେବେ ନିରୀହ, ନିକ୍ଷେସିତ, ଗରିବ, ଦାରିଦ୍ର୍ୟତା ତାଡନା ଭୋଗୁଥିବା ଲୋକଙ୍କର ଯଦି କେବେ ଥାନା ଆଉ ପୁଲିସ ପାଖରେ କାମ ପଡେ ସେମାନେ ଏହି ଦଲାଲ ହାବୁଡ଼େ ପଡ଼ି ହଜାର ହଜାର ଟଙ୍କା ଦେବାକୁ ପଡେ ବୋଲି ମତ ପ୍ରକାଶ ପାଇଛି। ଦଲାଲମାନେ ଥାନାର କେତେଜଣ ତଳିଆ କର୍ମଚାରୀଙ୍କୁ ଧରି ଚୋରି, ଡକାୟତି, ଲୁଟ, ରାହଜାନି, ମରଣାନ୍ତକ ଆକ୍ରମଣ, ଠକେଇ ଭଳି ଘଟଣାକୁ ଚପେଇ ଦେବାରେ ବେଶ ମାହିର।ଏମିତିକି ଘଟଣା ରଫାଦଫା ହେବା ପର୍ଯ୍ୟନ୍ତ ଥାନା ଅଧିକାରୀ ଜାଣି ପାରନ୍ତି ନାହିଁ।କେନ୍ଦ୍ରାପଡ଼ା ଜିଲ୍ଲା ଯେତିକି ଚର୍ଚ୍ଚିତ ସେତିକି ଅପରାଧିକ କାର୍ଯ୍ୟକଳାପରେ ମଧ ବେଶ ଆଗୁଆ ରହିଛି। ହେଲେ ବର୍ତ୍ତମାନ ଏହି ଥାନାଗୁଡ଼ିକ ଦଲାଲଙ୍କ କବଜାରେ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି।

## ଜଳିଗଲା ଦୁଇ ବଖରା



**ଆଳି, ୩।୪(ସମିସ):** ଆଳି ବ୍ଲକ ବାଲକାଟି ପଞ୍ଚାୟତ ଚୁନବନ୍ଧ ଗ୍ରାମରେ ଆଜି ଦିନ ପ୍ରାୟ ୧୨ଟା ସମୟରେ ସୁନାକର ପ୍ରଧାନଙ୍କ ଘରେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବା ସହିତ ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ଆଳି ଅଗ୍ନିଶମ ବାହିନୀ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଦୁଇ ବଖରା ଘର ସମ୍ପୂର୍ଣ୍ଣ ଭାବେ ଜଳି ଯାଇଥିବାବେଳେ ଘରେ ଥିବା ସମସ୍ତ ଆସବାବପତ୍ର ପୋଡି ଛାରଖାର ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଯାଇଥିବାରୁ ସୁନାକରଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଦୈତାରୀ ଓ ସତ୍ୟଭାମାଙ୍କ ଶ୍ରଦ୍ଧାଞ୍ଜଳି ସଭା



**ରଘୁନାଥପୁର, ୩।୪(ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ତାରାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରତାପ ରାଉତଙ୍କ ପିତା ସ୍ୱର୍ଗତ ଦୈତାରୀ ରାଉତ, ମାତା ସ୍ୱର୍ଗତ ସତ୍ୟଭାମା ରାଉତଙ୍କ ଦ୍ୱାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଜିଲ୍ଲା ଯୁବ ବିଜେଡି ସମ୍ପାଦକ ମାନସ ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଜଗତସିଂହପୁର ସାଂସଦ ଡ. ରାଜଶ୍ରୀ ମଲ୍ଲିକ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଇଂ. ଆଶୁତୋଷ ମଲ୍ଲିକ, ବ୍ଲକ ବିଜେଡି ସଭାପତି ତଥା ରଘୁନାଥପୁର ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଗୁଆଳିପୁର ସେବା ସମବାୟ ସଭାପତି ସୁଧାକର ବିଶ୍ୱାଳ, ତଅଁରା ସରପଞ୍ଚ ବଟକୃଷ୍ଣ ନାୟକ, ବିଜେଡି ଯୁବନେତା ଅନ୍ତର୍ଯ୍ୟାମୀ ସ୍ୟାମଲ, ସାଦେଇପୁର ସରପଞ୍ଚ ପ୍ରଭାସିନୀ ପ୍ରଧାନ, ରଘୁନାଥପୁର ବ୍ଲକ ବିଜେଡି ଡିଜିଟାଲ ସଂଯୋଜକ କୁଞ୍ଜବିହାରୀ ସ୍ୱାଇଁ, ତାରାପୁର ପଞ୍ଚାୟତ ଯୁବ ବିଜେଡ଼ି ସଭାପତି ଦେବେନ୍ଦ୍ର ବରାଳ, ସାମ୍ବାଦିକ ସୁବାସ ଚନ୍ଦ୍ର ସିଂହ, ତାରପୁର ପଞ୍ଚାୟତ ବିଜେଡି ସଭାପତି ଚନ୍ଦ୍ର ଶେଖର ସିଂହ, ନିଆଁଖୁଣ୍ଟାର ସମ୍ପାଦକ ଲକ୍ଷ୍ମଣ ଦାସ, ସ୍ୱର୍ଗତ ସତ୍ୟଭାମା ଓ ଦୈତାରୀଙ୍କ ପୁତ୍ରବଧୂ ତଥା ପୂର୍ବତନ ସରପଞ୍ଚ ପ୍ରତୀମା ରାଉତ, ବିଜେଡି ଯୁବନେତା ପ୍ରଭୁଦତ୍ତ ମହାନ୍ତି, ବାଦଲ ଦାସ, ମନୋରଞ୍ଜନ ମହାନ୍ତି, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟା ଡେଜାଲିନ ମହାପାତ୍ର, ବିଶ୍ୱ ଓଡ଼ିଆ ମହାସଂଘ ସଭାପତି ଡ. ସୁରେନ୍ଦ୍ର ନାଥ ମହାପାତ୍ର, ଜିଲ୍ଲା ବିଜେଡି ସମ୍ପାଦକ ତାରାକାନ୍ତ ଜେନା, ବିଜେଡି ଯୁବନେତା ପ୍ରଭାତ ସ୍ୱାଇଁ, ତାରପୁର ସମିତିସଭ୍ୟା ପୂଜାଲତା ଦାସ ଯୋଗଦେଇ ସ୍ୱର୍ଗତ ଦୈତାରୀ ଓ ସତ୍ୟଭାମାଙ୍କ ସ୍ମୃତିଚାରଣ କରିଥିଲେ। ପୁତ୍ର ତାରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରତାପ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସ ନେତାଙ୍କ ଏକାଦଶାହରେ ସ୍ମୃତିସଭା

**ଜଗତସିଂହପୁର,୩।୪ (ସମିସ):** ଜଗତସିଂହପୁର ବ୍ଲକର ବରିଷ୍ଠ କଂଗ୍ରେସ ନେତା ହେମନ୍ତ କୁମାର ସ୍ୱାଇଁଙ୍କ ଏକାଦଶାହରେ ଏକ ସ୍ମୃତିସଭା ତାଙ୍କ ପୈତୃକ ଗ୍ରାମ କଲିଅଦାଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ବିଷ୍ଣୁଚରଣ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକସଭାରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ପ୍ରଦେଶ କଂଗ୍ରେସ ସମ୍ପାଦକ ବିପ୍ଳବ ଚୌଧୁରୀ, ବ୍ଲକ ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବରିଷ୍ଠ ନେତା ପ୍ରସନ୍ନ କୁମାର ସାମନ୍ତରାୟ, ଲକ୍ଷ୍ମୀନାରାୟଣ ସାମନ୍ତରାୟ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ମାନସ କୁମାର ରଥ, ଭାଗ୍ୟଧର ସ୍ୱାଇଁ, ଅବନୀକାନ୍ତ ମହାରଣା, ଅଦୈତ କୁମାର ଜେନା, ସମିତିସଭ୍ୟ ହିମାଂଶୁ ଶେଖର ପରିଡ଼ା, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଆଶିଷ କୁମାର ମହାପାତ୍ର, ହେମନ୍ତ କୁମାର ମଲ୍ଲିକ, ନୃସିଂହ ନାୟକ, ନିରଞ୍ଜନ ସେନ, ରବୀନ୍ଦ୍ର ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଭ୍ରମରବର ସ୍ୱାଇଁ, ଲିପୁ ମହାନ୍ତି, ନାରାୟଣ କାନୁନଗୋ, ସଂଜୀବ ମିଶ୍ର, କେଦାରନାଥ ପାଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସ୍ୱାଇଁଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

● ଚୋରି କରି ଫେରାର ଆସାମୀ ଗିରଫ

# ଚୋରି ସାମଗ୍ରୀ ଓ ୩ ହଜାର ଟଙ୍କା ଜବତ



**ପାରାଦୀପ,୩।୪ (ସମିସ):** ପାରାଦୀପ ଅଭୟଚାନ୍ଦପୁର ଥାନା ଅଧିନ ଗୋବିନ୍ଦପୁର ଗ୍ରାମର ତୋଫାନ ଦାସଙ୍କ ଘରୁ ଗତ ୨୭ ଡିସେମ୍ବର ରାତିରେ କିଛି ଦୁର୍ବୃତ ଦୁଇଟି ମୋବାଇଲ,ଗୋଟିଏ ସୁନାମୁଦି ଓ ୧୦ ହଜାର ଟଙ୍କା ଚୋରି କରିନେଇଯାଇଥିଲେ। ସେହିପରି ଗତ ଜୁନ ମାସରେ ପୋଲଙ୍ଗ ଗ୍ରାମରୁ ବିଜୟ ସେଠୀଙ୍କର ଘରୁ ରାତିରେ ଝରକା ତାଡି ଦୁଇଟି ମୋବାଇଲ ମଧ୍ୟ ଚୋରି ହୋଇଥିଲା।ଏ ସମ୍ପର୍କରେ ଥାନାରେ ଦୁଇଟି ଅଭିଯୋଗ ହେବା ପରେ ପୁଲିସ ତଦନ୍ତ କରି ଉପରୋକ୍ତ କେସରେ ଦୁଇଜଣଙ୍କୁ ଗିରଫ କରିଛି।ସେମାନେ ହେଲେ ନୂଆଗାଁର ରମେଶ ଦାସ ଓ ସୁଜିତ ନାୟକ। ସେମାନଙ୍କ ଠାରୁ ଚୋରି ହୋଇଥିବା ତିନିଟି ମୋବାଇଲ, ୩ ହଜାର ଟଙ୍କା ଓ ଗୋଟିଏ ମୋଟରସାଇକଲ କୁ ଜବତ କରିଛି ପୁଲିସ।

# କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ନିର୍ବାଚନୀ ସମୀକ୍ଷା ବୈଠକ



**ପାରାଦୀପ, ୩।୪ (ସମିସ):** ଆଜି ପୂର୍ବାହ୍ନରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ରଞ୍ଜନ କୁମାର ଦାସ ପାରାଦୀପ ଗ୍ରସ୍ତରେ ଆସି ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ କାର୍ଯ୍ୟର ସମୀକ୍ଷା କରିଛନ୍ତି।ଆଗାମୀ ସାଧାରଣ ନିର୍ବାଚନକୁ ମୁକ୍ତ ଅବାଧ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପନ କରିବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଶ୍ରୀ ଦାସ ନିର୍ବାଚନ ପ୍ରସ୍ତୁତିର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୁତ ଆଲୋଚନା କରିଥିଲେ।ସମସ୍ତ ପୋଲିଂବୁଥରେ ବିଦ୍ୟୁତକରଣ, ଫ୍ୟାନ, ଲାଇଟ, ପାନୀୟଜଳ, ମହିଳା ଓ ପୁରୁଷ ମାନଙ୍କ ପାଇଁ ପୃଥକ ଶୌଚାଳୟ, ଖରାରୁ ରକ୍ଷା ପାଇବା ପାଇଁ ସେଡ, ରିଆମପ, ହୁଇଲ ଚେୟାର ଓ ହେଲ୍ପ ଡେକ୍ସ ସୁନିଶ୍ଚିତ କରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ।ଭାରତର ନିର୍ବାଚନ କମିଶନରଙ୍କ ମାର୍ଗଦର୍ଶୀକାଗୁଡିକୁ ଭଲ ଭାବରେ ପାଠ କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପୁଲିସ, ମାଜିଷ୍ଟ୍ରେଟ ସମନ୍ୱୟ କମିଟି କରାଇ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବାକୁ କହିଥିଲେ। ନିର୍ବାଚନ କମିଶନରଙ୍କ ଆଦର୍ଶ ଆଚରଣ ବିଧିକୁ କଡାକଡି ପାଳନ କରିବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ପୁଲିସ ଫ୍ଲାଗ ମାର୍ଚ୍ଚ, ବନ୍ଧୁକ ଲାଇସେନ୍ସ,ମଦ,ଗଞ୍ଜେଇ, ଡ୍ରଗ୍ସ ଚୋରା ଚାଲାଣ ପ୍ରତି କାର୍ଯ୍ୟାନୁଷ୍ଠାନ ନିମନ୍ତେ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେକ୍ଟର ଅଫିସର ଓ ପୁଲିସ ସେକ୍ଟର ଅଫିସର ମିଳିତ ଭାବେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।ପାରାଦୀପରେ ଥିବା ହୋଟେଲ ଓ ଗେଷ୍ଟ ହାଉସମାନଙ୍କରେ ବାହାରୁ ଆସୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ରଖିବାକୁ ପରାମର୍ଶ ଦେଇଥିଲେ।ଭୋଟର ସଚେତନତା ମାଧ୍ୟମରେ ଯୁବ ଭୋଟର ତଥା ଅନ୍ୟ ଭୋଟର ମାନଙ୍କୁ ବ୍ୟାପକ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ।ଏହି ବୈଠକରେ ସିସିଟିଭି, ୱେବ କାଷ୍ଟିଂ, ଏଫଏସଟି, ଏଫଏସଟି ଟିମ ର କର୍ଯ୍ୟକାରିତା, ନିର୍ବାଚନ ଖର୍ଚ୍ଚ ତଦାରଖ, ବିଏଲଓମାନଙ୍କ ଦ୍ୱାରା ଭୋଟର ମାର୍ଗ ଦର୍ଶିକା ବଣ୍ଟନ, ହୋମଭୋଟିଂ, ପୋଷ୍ଟାଲ ଭୋଟିଂ ସମ୍ପର୍କରେ ଆଲୋଚନା କରିଥିଲେ।ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରେ ୨୩୪ ଟି ବୁଥ ମଧ୍ୟରୁ ତିର୍ତ୍ତୋଲ ବ୍ଲକ ୩୬ ଟି ବୁଥ ଅନ୍ତର୍ଭୁକ୍ତ।ଏହି ସମୀକ୍ଷା ବୈଠକରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସର ୧୦୧ - ପାରାଦୀପ ଲଳିତ ମୋହନ ବେହେରା, ଡ଼ିଏସପି ପାରାଦୀପ ସନ୍ତୋଷ ଜେନା, ତହସିଲଦାର କୁଜଙ୍ଗ ପୁଷ୍ପଶ୍ରୀ ସାଂଡିଲ, ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ବିଡିଓ ତିର୍ତ୍ତୋଲ ତପନ କୁମାର ସେନାପତି, ତହସିଲଦାର ତିର୍ତ୍ତୋଲ ସତ୍ୟଜିତ ମହାପାତ୍ର, ଏସଡ଼ିପିଓ ତିର୍ତ୍ତୋଲ ଚିନ୍ମୟ ରାଉତ, ପାରାଦୀପ ପୌର ପରିଷଦ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଲକ ଥାନା ଅଧିକାରୀ କୁଳମଣି ସେଠୀ, ପାରାଦୀପ ଆଦର୍ଶ ଥାନା ଅଧିକାରୀ ସୁଚିତ୍ରବିର୍ଯ୍ୟ ଦାସ ଓ କୁଜଙ୍ଗ ଥାନାଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଯୁବକ ନିଖୋଜ ଅଭିଯୋଗ

**ପାରାଦୀପ,୩।୪(ସମିସ) :** ପାରାଦୀପ ଆଦର୍ଶ ଥାନା ଅଞ୍ଚଳ ମଧୁବନ ଗୋପାଳଜୀଉ କଲୋନୀରେ ରହୁଥିବା ଲକ୍ଷ୍ମୀଧର ଦଳାଇ



(୩୨) ନାମକ ଜଣେ ଯୁବକ ଗତମାସ ୨୩ ତାରିଖରୁ ନିଖୋଜ ଥିବା ତାଙ୍କ ଦାଦା ଧୀରେନ୍ଦ୍ର ଦଳାଇ ଥାନାରେ ଅଭିଯୋଗ କରିଛନ୍ତି।ସୂଚନା ମୁତାବକ ନିଖୋଜ ଯୁବକ ୯ ବର୍ଷ ହେବ ପାରାଦୀପରେ ରହି ଓଏସଏଲ ଅଧୀନରେ କାର୍ଯ୍ୟ କରୁଥିଲେ। ଦୁଇ ମାସ ହେବ କମ୍ପାନୀରୁ ଛୁଟି ନେଇ ନିଜ ଗ୍ରାମ ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅଧିନ ଧୂଆଁପଦା (କୋରୁଆ)ରେ ରହିବା ପରେ ଗତ ମାସ ୧୯ରେ ପାରାଦୀପ ଆସି ବଡପଡ଼ିଆ ଶାରଳା ମନ୍ଦିର ସାମ୍ନା ବସ୍ତିରେ ରହୁଥିଲେ।ତେବେ ସେଠାରେ ରହିବା ପରେ ୨୩ ତାରିଖ ପର୍ଯ୍ୟନ୍ତ ପରିବାର ଲୋକଙ୍କ ସହ ଯୋଗାଯୋଗରେ ଥିଲେ। କିନ୍ତୁ ୨୪ ତାରିଖରୁ ତାଙ୍କର ଫୋନ ସୁଇଚ୍ ଅଫ ରହିଥିବା ବେଳେ ତାଙ୍କର କୌଣସି ପତ୍ତା ମିଳୁ ନାହିଁ। ସେ ରହୁଥିବା ଘର ଖୋଲା ରହିଛି।ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରିବା ସହ ତାଙ୍କ ପୁତୁରାଙ୍କୁ ଫେରାଇ ଆଣିବାରେ ସାହାଯ୍ୟ କରିବାକୁ ଥାନା ଅଧିକାରୀଙ୍କୁ ନିବେଦନ କରିଛନ୍ତି ପରିବାର ଲୋକେ।

# ଜରାଶ୍ରମରେ ଜନ୍ମଦିନ ପାଳିଲେ ଆଇନଜୀବୀ



**ପାରାଦୀପ,୩।୪(ସମିସ):** ନିଜର ଜନ୍ମଦିନକୁ ନିଆରା ଢଙ୍ଗରେ ପାଳିଛନ୍ତି ଆଡଭୋକେଟ ଲାସ୍ୟମୟୀ ସାମନ୍ତରାୟ।ବାଲିଝରା ମା ସନ୍ତୋଷୀ ବୃଦ୍ଧାଶ୍ରମରେ ରହୁଥିବା ଅନ୍ତେବାସୀମାନଙ୍କ ସହିତ କେକ କାଟି ନିଜର ଜନ୍ମଦିନ ପାଳନ କରିଛନ୍ତି। ପରିଣତ ବୟସରେ ଜରାଶ୍ରମରେ ନିଜର ଶେଷ ଜୀବନ ଅତିବାହିତ କରୁଥିବା ବୃଦ୍ଧ,ବୃଦ୍ଧା ମାନଙ୍କୁ ନିଜ ଜନ୍ମ ଦିନରେ କେକ୍ ସହିତ ମିଠା ଖୁଆଇ ଖୁସି କରାଇବା ସହିତ ସେମାନଙ୍କ ମୁହଁରେ ହସ ଫୁଟାଇ ଆଶୀର୍ବାଦ ଭିକ୍ଷା କରିଛନ୍ତି। ବୟସର ଅପରାହ୍ନରେ ନିଜର ଘର ସଂସାରୟରୁ ଦୂରରେ ରହି ଜରାଶ୍ରମରେ ନିଜର ଶେଷ ଜୀବନ ଅତିବାହିତ କରୁଥିବା ବୃଦ୍ଧ,ବୃଦ୍ଧା ମାନଙ୍କୁ ନେଇ ସେ ଦୁଃଖ ପ୍ରକାଶ କରିବା ସହିତ ଜୀବନର ଶେଷ ସମୟରେ ନିଜ ବୃଦ୍ଧ ମାତାପିତାଙ୍କୁ ନିଜ ପାଖରେ ରଖିବାକୁ ଅନୁରୋଧ କରିଛନ୍ତି ଯୁବ ସମାଜକୁ।ଯେଉଁ ବାପା ମା ପିଲାଟିକୁ ଜନ୍ମକରି ମଣିଷ କରିବା ପାଇଁ ଅନେକ ଝଡଝଞ୍ଜା କୁ ଖାତିର ନ କରି ପିଲାଟିକୁ ଛୋଟରୁ ବଡ଼ କରି ବୟସର ଅପରାହ୍ନରେ ସେହି ପିଲାଟି ନିଜ ଜୀବନର ଆଶାବାଡି ହେବ ବୋଲି ଆଶା କରିଥାନ୍ତି ସେହି ବାପା ମାଙ୍କୁ ଘରୁ ବିଦା କରିଦେବା ଏବଂ ଶେଷ ଜୀବନ ଜରାଶ୍ରମରେ ବିତାଇବା ଘଟଣାକୁ ସେ ନିନ୍ଦା କରିଛନ୍ତି। ନିଜ ଖାଦ୍ୟରୁ ନିଜ ବାପା ମାଙ୍କୁ ପ୍ରଦାନ କରି ସେମାନଙ୍କ ସେବା ଶୁଶ୍ରୁଷା କଲେ ସମାଜରେ ଆଉ ଜରାଶ୍ରମ ଦେଖିବାକୁ ମିଳିବ ନାହିଁ ବୋଲି ଆଡଭୋକେଟ ସାମନ୍ତରାୟ ଗଣମାଧ୍ୟମକୁ କହିଛନ୍ତି। ତେବେ ଲାସ୍ୟମୟୀ ତାଙ୍କ ଜନ୍ମଦିନ ପାଳନ କରିବା ସହିତ ଗ୍ରାମର ଜଣେ ସାନଭାଇ ରାକେଶ ନାୟକଙ୍କ ଜନ୍ମଦିନକୁ ଏକା ସାଥିରେ ବୃଦ୍ଧାଶ୍ରମ ଅନ୍ତେବାସୀମାନଙ୍କ ନିକଟରେ ପାଳନ କରିଥିଲେ।

# ପାରାଦୀପରେ ପୁଲିସର ଫ୍ଲାଗମାର୍ଚ୍ଚ



**ପାରାଦୀପ,୩।୪ (ସମିସ):** ପାରାଦୀପ ନିର୍ବାଚନମଣ୍ଡଳୀର ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବାକୁ ପୁଲିସ ତତ୍ପର ହୋଇ ଉଠିଛି।ବୁଧବାର ଅପରାହ୍ନରେ ପାରାଦୀପ ଲକ ଥାନା ଅଞ୍ଚଳରେ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଏହି ଫ୍ଲାଗମାର୍ଚ୍ଚ ର୍ କାର୍ଯ୍ୟକ୍ରମରେ ପାରାଦୀପ ଡ଼ିଏସପି ସନ୍ତୋଷ ଜେନା, ତିର୍ତ୍ତୋଲ ଡ଼ିଏସପି ଜ୍ୟୋତି ସାମନ୍ତରାୟ, ଆଦର୍ଶ ଥାନା ଅଧିକାରୀ ସୁଚିତ୍ରବିର୍ଯ୍ୟ ଦାସ ଓ ଲକଥାନା ଅଧିକାରୀ କୂଳମଣି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବହୁ ପୁଲିସ କର୍ମଚାରୀ ଏହି ଫ୍ଲାଗମାର୍ଚ୍ଚରେ ଅଂଶ ଗ୍ରହଣ କରିଥିଲେ। ସମସ୍ତ ଥାନା କର୍ମଚାରୀମାନେ ଲୋକମାନଙ୍କୁ ବିଭିନ୍ନ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦେଇଥିଲେ। ନିର୍ବାଚନ ପରିପ୍ରେକ୍ଷୀରେ ଆଇନ ଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣ ପାଇଁ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିବା ପୁଲିସ ଅଧିକାରୀ ମାନେ ସୂଚନା ଦେଇଛନ୍ତି।

# ରମାକାନ୍ତ ଭୋଇଙ୍କ ପ୍ରାର୍ଥିତ୍ୱକୁ ସ୍ୱାଗତ

**ରଘୁନାଥପୁର,୩।୪(ସମିସ):** ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଭାବେ ରମାକାନ୍ତ ଭୋଇଙ୍କୁ ମନୋନୀତ କରିଥିବାରୁ ଛପଡା ଗ୍ରାମପଞ୍ଚାୟତ ର ପୂର୍ବତନ ସରପଞ୍ଚ ବିଜୟ ସ୍ୱାଇଁ, ସଭାପତି ଦିଲ୍ଲିପ କୁମାର ପଣ୍ଡା ,ମାନସ ରଞ୍ଜନ ଦାସ ପ୍ରଶାନ୍ତ ରାଉ. ମନୋରଞ୍ଜନ ପରିଡା ,କୁଞ୍ଜବିହାରୀ ସ୍ୱାଇଁ ,ଅର୍ନ୍ତଯ୍ୟାମୀ ସାମଲ, ଅମିତ ମହାପାତ୍ର,ଅମର ପ୍ରସାଦ ରାୟ, ସ୍ମୃତିରଞ୍ଜନ ପାତ୍ର, ବାପୁ ବିଶ୍ୱାଳ ,ତ୍ରିଲୋଚନ ଜେନା ରଶ୍ମିରଞ୍ଜନ ପରିଡା , କୁନୁ ନନା, ଗନ୍ଧର୍ବ ବେହେରା, ଶୁଭ୍ରାଂଶୁ ମହାନ୍ତି,ବରିଷ୍ଠ ବିଜୁ ଜନତା ଦଳ କର୍ମୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ସଚିବ ଭି.କେ ପାଣ୍ଡିୟାନ, ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ୩୧ ବର୍ଷରେ ଜଗତସିଂହପୁର ଜିଲ୍ଲା; ଆହୁରି ବିକାଶ ଲୋଡ଼ା







**ଜଗତସିଂହପୁର,୩।୪(ସମସି):** ଆଜକୁ ୩୦ ବର୍ଷର୍ ତଳେ ଅର୍ଥାତ ୧୯୯୩ ଏପ୍ରିଲ ୩ ତାରିଖରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଜଗତସିଂହପୁରଜିଲ୍ଲାର ମାନ୍ୟତା ପାଇଥିଲା । ତାଙ୍କ କର କମଳରେ ଜଗତସିଂହପୁର ଜିଲ୍ଲା ଉଦ୍‌ଘାଟିତ ହୋଇଥିଲା। କଟକ ଜିଲ୍ଲାଠାରୁ ଏହି ଜିଲ୍ଲା ପୃଥକ ହେବାପରେ ପ୍ରଶାସନ ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ବାଟ ଫିଟିଲା। ଗତ ତିନି ଦଶନ୍ଧି ମଧ୍ୟରେ ଜଗତସିଂହପୁର ଜିଲ୍ଲାରେ ବହୁ ବିକାଶ ହୋଇଥିବା ସମୟରେ ଲୋକଙ୍କ ଜୀବନ ଧାରଣର ମାନରେ ଯଥେଷ୍ଟ ଉନ୍ନତି ଆସିଛି। ତେବେ ଆହୁରି ଅନେକ କ୍ଷେତ୍ରରେ ଜିଲ୍ଲା ବିକାଶର ଧାରା ପହଞ୍ଚ।ଇବାକୁ ସାଧାରଣରେ ଦାବି ହେଉଛି।

ଜଗତସିଂହପୁର ଜିଲ୍ଲାରେ ଗତ ୩୦ ବର୍ଷ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ନିଯୁକ୍ତି, ପର୍ଯ୍ୟଟନ ଓ ଶିଳ୍ପ କ୍ଷେତ୍ରରେ ବହୁ ବିକାଶ ଘଟିଛି। ଏପରିକି ବିଭିନ୍ନ ପ୍ରକଳ୍ପ ଶେଷ ହୋଇଥିବା ସମୟରେ ଅନେକ ପ୍ରକଳ୍ପ କାର୍ଯ୍ୟ ଏବେ ମଧ୍ୟ ଜାରି ରହିଛି। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ କଲେଜଗୁଡିକର ରୂପାନ୍ତରଣ କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ ଶିକ୍ଷା ଭିତ୍ତିଭୂମିର ବିକାଶ ସହିତ ଆନୁସଙ୍ଗିକ ବିକାଶ ପାଇଁ ଯଥେଷ୍ଟ ଅନୁଦାନ ଯୋଗାଇ ଦିଆଯାଇଛି। ସେହିପରି ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ବିକାଶ ପାଇଁ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯିବା ସହିତ ମାଗଣାରେ ଉନ୍ନତ ମାନର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଯାତାୟତ ପାଇଁ ବିଭିନ୍ନ ରାସ୍ତାର ମରାମତି ସହିତ ନୂଆ ରାସ୍ତା ନିର୍ମାଣ କରାଯାଇଛି। ସେହିପରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସେତୁର ନିର୍ମାଣ କରାଯାଇଛି। ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ମା' ଶାରଳାଙ୍କ ମନ୍ଦିର, ଗୋରେଖନାଥ ମନ୍ଦିର, ଶିଆଳି ବେଳାଭୂମି, ଗଡକୁଜଙ୍ଗ ଜଗନ୍ନାଥ ମନ୍ଦିର ଓ ଧ୍ୟାନକୁଦ ପୀଠର ଉନ୍ନତି ହୋଇଛି। ଏଥି ସହିତ ଦୀର୍ଘ ଦିନର ସମସ୍ୟା ଦୂର କରାଯାଇ ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ଆଧୁନିକ ବସ୍‌ଷ୍ଟାଣ୍ଡର ନିର୍ମାଣ କରାଯାଉଛି। ଯୋଗାଯୋଗର ବିକାଶ ପାଇଁ ଜିଲ୍ଲାର ଅଗମ୍ୟ ଅଞ୍ଚଳକୁ ବସ ସେବାର ବ୍ୟବସ୍ଥା ହୋଇଛି । ଜିଲ୍ଲାର ବିକାଶ ସହିତ ସହରାଞ୍ଚଳର ବିକାଶ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିବା ସହ ଏଥିପାଇଁ ପର୍ଯ୍ୟାପ୍ତ ବ୍ୟୟ ମଞ୍ଜୁର କରାଯାଇଛି।

ଏସବୁ ସତ୍ତ୍ୱେ କେତେକ ମୌଳିକ ସମସ୍ୟା ଜିଲ୍ଲାର ସାମଗ୍ରିକ ବିକାଶରେ ବାଧକ ସାଜିଛି। ଜିଲ୍ଲାବାସୀଙ୍କୁ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଯୋଗାଇ ଦେବାର ଉଦ୍ୟମ ହୋଇଥିଲେ ମଧ୍ୟ ବାଲିକୁଦା, ଏରସମା ଓ କୁଜଙ୍ଗ ପ୍ରଭୃତି ଜଳକ୍ଳିଷ୍ଟ ଉପକୂଳବର୍ତ୍ତୀ ଅଞ୍ଚଳରେ ଏବେ ମଧ୍ୟ ପାନୀୟଜଳର କଷ୍ଟ ରହିଛି। ଅନ୍ୟପକ୍ଷରେ ଜଗତସିଂହପୁର ଜିଲ୍ଲା ସଦରମହକୁମାକୁ ସଂଯୋଗ କରୁଥିବା ଦୁଇଟି ମୁଖ୍ୟ ରାସ୍ତା ଜଗତସିଂହପୁର-କନ୍ଦରପୁର ଓ ଜଗତସିଂହପୁର-ଜଇପୁର ରାସ୍ତାରେ ରେଲୱେ ଓଭର ବ୍ରିଜ ନିର୍ମାଣ କଚ୍ଛପ ଗତିରେ ଚାଲିଥିବାରୁ ଜନସାଧାରଣଙ୍କୁ ଅଯଥାରେ ଦୀର୍ଘ ସମୟ ଏଠାରେ ଅଟକି ରହିବାକୁ ପଡୁଛି। ଗୁରୁତର ରୋଗୀ ଓ ଅତି ଜରୁରୀ କାମରେ ଯାଉଥିବା ବ୍ୟକ୍ତି ତଥା ଛାତ୍ରଛାତ୍ରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି।

ଜିଲ୍ଲା ବିଭାଜନ ପରେ ମଧ୍ୟ ସମସ୍ତ ଜମିଜମା ରେକର୍ଡ କଟକରୁ ଜିଲ୍ଲା ରେକର୍ଡରୁମକୁ ଫେରିପାରିନଥିବାରୁ ଏବେ ମଧ୍ୟ ଜିଲ୍ଲାବାସୀଙ୍କୁ କଟକ ଯିବାକୁ ପଡୁଛି। ସେହିପରି ଜଗତସିଂହପୁର ଜିଲ୍ଲା ଏକ ତଳିଆ ଅଞ୍ଚଳ ହୋଇଥିବାରୁ ପ୍ରତିବର୍ଷ ବର୍ଷା ଦିନେ ଜଳ ନିଷ୍କାସନ ଏକ ପ୍ରମୁଖ ସମସ୍ୟା ଭାବରେ ଦେଖାଦେଉଛି। ଜିଲ୍ଲାର ବହୁ ପ୍ରାକୃତିକ ଜଳ ଉତ୍ସ ବିଭିନ୍ନ ଜବରଦଖଲକାରୀଙ୍କ କବ୍‌ଜାରେ ରହୁଥିବାରୁ ଜିଲ୍ଲାବାସୀ ଗୁରୁତର ସମସ୍ୟାର ସମୁଖୀନ ହେଉଛନ୍ତି। ବର୍ହ ବର୍ଷ ଧରି ଜଗତସିଂହପୁରର ସହରରେ ଟ୍ରାଫିକ ସମସ୍ୟା ଉତ୍କଟ ଆକାର ଧାରଣ କରିଛି। ସହରର ମଧ୍ୟ ଦେଇଯାଇଥିବା ଏକମାତ୍ର ମୁଖ୍ୟ ରାସ୍ତା ଉପରେ ଯାତାୟତ ପାଇଁ ସମ୍ପୂର୍ଣ୍ଣ ଭାବରେ ସହରବାସୀ ନିର୍ଭର କରୁଥିବାରୁ ଏହି ରାସ୍ତାରେ ଯାନ ବାହନ ବୃଦ୍ଧି ପାଇଁ ଟ୍ରାଫିକ ସମସ୍ୟା ଜଟିଳ ହେବା ସହିତ ଏହା ଦୁର୍ଘଟଣାର କାରଣ ହୋଇଛି। ଜନସଂଖ୍ୟା ଓ ଗାଡି ମଟର ଭିଡକୁ ନେଇ ସହର ମଧ୍ୟରେ ୱାନ ୱେ ଟ୍ରାଫିକ ବ୍ୟବସ୍ଥା କିମ୍ବା ଦୁଇ ଥାକିଆ ରାସ୍ତା ଏପର୍ଯ୍ୟନ୍ତ ଆରମ୍ଭ ହୋଇନଥିବା ବେଳେ ସହରରେ ଭିଡ କମାଇବାକୁ ଦୂରଦୃଷ୍ଟି ସମ୍ପନ୍ନ ବାଇପାସ୍ ରାସ୍ତା ନିର୍ମାଣ ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରିନାହିଁ। ସର୍ବାଧିକ ଶିକ୍ଷିତ ଜିଲ୍ଲା ଜଗତସିହପୁରରେ ଶିକ୍ଷାର ଉନ୍ନତି ପାଇଁ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା, ଚିକିତ୍ସାସେବାରେ ଉନ୍ନତି ପାଇଁ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ବହୁ ଦାବି ଓ ଆନ୍ଦୋଳନ ହେଉଥିବା ବେଳେ ସେପରି ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇ ପାରିନାହିଁ। ଏଥି ସହିତ ଜିଲ୍ଲାରେ ଥିବା ଶୀତଳ ଭଣ୍ଡାର ଅଚଳ ହୋଇଯିବାପରେ କୃଷି ଓ କୃଷକର ଉନ୍ନତି ପାଇଁ ନୂଆ ଶିତଳ ଭଣ୍ଡାର ନିର୍ମାଣ ଆରମ୍ଭ ହୋଇପାରିନାହିଁ।

### ବଢ଼ୁଛି ବେଆଇନ ମାଟି ଚାଲାଣ

# ପାରାଦୀପ-ହରିଦାସପୁର ରେଳ ଲାଇନ୍ ପାଇଁ ବଢ଼ିଲା ବିପଦ





**କେନ୍ଦ୍ରାପଡ଼ା,୩।୪(ସମିସ):** ବେଆଇନ ଭାବେ ଦିନ ରାତି ବେଧଡ଼କ ମାଟି ଚାଲାଣ ଚାଲିଛି । ହଜାର ହଜାର ଟ୍ରିପ ଦୈନିକ ମାଟି ଚାଲାଣ ହେଉଥିଲେ ମଧ୍ୟ ପ୍ରଶାସନ ସବୁ ଜାଣିଶୁଣି ନିଦାବିଷ୍ଟ ପାଲଟିଛି । ସରକାରୀ ନିୟମକୁ ଜଳାଞ୍ଜଳି ଦେଇ କିଛି ଅଧିକାରୀଙ୍କ ସଲାସୁତୁରାରେ ମନମାନି ଚଳାଇଛନ୍ତି ।କିଛି ଲୋକଙ୍କ ବ୍ୟକ୍ତିଗତ ଜମିକୁ ଲିଜ ଆକାରରେ ନେଇ ସରକାରୀ ଖାତାରେ ଜରିମାନା ଭରି ଲୋକଙ୍କ ପାଇଁ ଯମପୁରକୁ ରାସ୍ତା ଖୋଲୁଛନ୍ତି । କେନ୍ଦ୍ର ସରକାର ଜାତୀୟ ରାଜପଥକୁ ପ୍ରଶସ୍ତିକରଣ କରି ଗୋଟାଏ ସମସ୍ୟାକୁ ଦୂର କରି ଆଉ ଗୋଟିଏ ସମସ୍ୟା ପାଖରେ ଛିଡା ହେଲାଣି ।ହେଲେ ଏଠି ଡେରାବିଶ ତହସିଲ କାର୍ଯ୍ୟାଳୟର ଜଣାନ୍ତରେ କିଛି ଘରୋଇ କମ୍ପାନୀ ଓ ମାଟି ମାଫିଆ ଲୋକଙ୍କ ଜୀବନକୁ ବାଜିରେ ଲଗାଉଛନ୍ତି । ଖାଲି ସେତିକି ନୁହେଁ ପାରାଦୀପ-ହରିଦାସପୁରକୁ ସଂଯୋଗ କରୁଥିବା ରେଳପଥ ପାଇଁ ମଧ୍ୟ ବିପଦ ବଢ଼ିଛି । କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ଓ ରାଜନଗର ଆର ଆଇ ସର୍କଲରେ ବେଧଡକ ଭାବେ ଚାଷ ଜମିକୁ ୨୦ରୁ ଉଦ୍ଧ୍ୱର୍ ଫୁଟ ଖୋଳାଯାଇ ମାଟି ଉଠା ଯାଉଛି ।୫୩ ନମ୍ବର ଜାତୀୟ ରାଜପଥ ପ୍ରଶସ୍ତିକରଣ କାମରେ ମାଟିକୁ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି । ଜମିକୁ କେତେ ଗଭୀର ପର୍ଯ୍ୟନ୍ତ ମାଟି ଉଠାଯିବ ସେ ନେଇ ଲିଜରେ ନେଇଥିବା ପ୍ରାଇଭେଟ କମ୍ପାନୀ ପ୍ରତି କେହି ନଜର ଦେଉନାହାନ୍ତି । ଅନୁଧ୍ୟାନ ପାଇଁ ଘଟଣାସ୍ଥଳକୁ ସ୍ଥାନୀୟ ଆରଆଇ କି ଡେରାବିଶ ତହସିଲଦାର ଆସୁନଥିବା ଅଭିଯୋଗ ହୋଇଛି । ଏମିତିକି ସ୍ଥାନୀୟ ଲୋକେ ପ୍ରତିବାଦ କରିବାରୁ ମାରଣାସ୍ତ୍ର ଦେଖାଇ ଧମକ ମିଳୁଛି ।ଡେରାବିଶ ତହସିଲଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୩ କିଲୋମିଟର ଭିତରେ ଦିନ ଦ୍ୱି ପ୍ରହରରେ ବେଧଡ଼କ ଭାବରେ ଚାଲିଥିବା ମାଟି ଉଠାଯିବା ଗାଡି ରାସ୍ତା ଉପରେ ଆଡା ପକାଇ ଆତଙ୍କ ଖେଳାଉଛନ୍ତି । ତେବେ ଦୁଇ ୩ ହଜାର ରୟାଲିଟି କାଟିବା ବାହାନାରେ ଯେ ଲକ୍ଷ ଲକ୍ଷ ଟଙ୍କାର ଖଣିଜ ସମ୍ପଦ ଲୁଟକୁ ଅଣଦେଖା କରି ପ୍ରଶାସନିକ ଅଧିକାରୀ ନିରବ ବସୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

## ଅସୁରକ୍ଷିତ ଜଙ୍ଗଲୀ ଜୀବଜନ୍ତୁ

**ଡେରାବିଶ, ୩।୪ (ସମିସ):**ଡେରାବିଶ ବ୍ଲକ ଅନ୍ତର୍ଗତ ରଘୁଦେଇପୁର ପଞ୍ଚାୟତରେ ୯ ୯ ଏକର ପରିମିତ ଜମିରେ ଜଙ୍ଗଲ ରହିଛି । ଏହା ରାଜନଅର ଜଙ୍ଗଲ ଭାବେ ଜିଲ୍ଲାରେ ଖ୍ୟାତ । ଏହି ଜଙ୍ଗଲରେ ଶହଶହ ସଂଖ୍ୟାରେ ହେଟାବାଘ, ଶୃଗାଳ, କଟାସ, ଓଧ ଭଳି ମାଂସାସୀ ପ୍ରାଣୀ ଓ ଶାଳୁଆପତାନୀ, ନେଉଳ, ଠେକୁଆ ଭଳି ତୃଣଭୋଜି, ଗୋଧି, ବିଭିନ୍ନ ପ୍ରଜାତିର ସାପ ଇତ୍ୟାଦି ସରିଶୃପ ମଧ୍ୟ ବସବାସ କରିଥାନ୍ତି । ଏହାଛଡ଼ା ଏହି ଜଙ୍ଗଲରେ ବିଭିନ୍ନ ପ୍ରକାରର ପକ୍ଷୀ ଯଥା ବଗ, କାଉ, କୋଇଲି, ହଳଦିବସନ୍ତ, କୁମ୍ଭାଟୁଆ, ବଣକୁକୁଡ଼ା, ଲମ୍ବାଲାଞ୍ଜିଆ, ଶୁଆ, ଶାରୀ, ଟିଆ, ଗେଣ୍ଡାଳିଆ, କୁଣ୍ଡାଖାଇ, ଚିଲ, ଛଞ୍ଚାଣ, ବାଦୁଡ଼ି ସମେତ ବିଲୁପ୍ତ ପ୍ରାୟ ବାୟା ଚଢ଼େଇ ଓ କାପ୍ତା ଚଢ଼େଇ ଶହଶହ ସଂଖ୍ୟାରେ ବସାବାନ୍ଧି ରହିଥାନ୍ତି । ସ୍ଥାନୀୟ ଅଞ୍ଚଳର ଲୋକମାନେ ଏହି ଜଙ୍ଗଲ ମଧ୍ୟରେ କେତେଗୋଟି ହରିଣ ଚଳପ୍ରଚଳ ହେଉଥିବା ସେମାନେ ମଧ୍ୟ ଦେଖିଥିବା ଦାବି କରିଛନ୍ତି । ସାଧାରଣତଃ ଜଙ୍ଗଲର ପରିବେଶ ଓ ଏହା ମଧ୍ୟରେ ରହୁଥିବା ଜୀବଜନ୍ତୁ ମଣିଷ ସମାଜରେ ପରିବେଶ ସନ୍ତୁଳନରେ ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥାନ୍ତି । ଏମାନଙ୍କର ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ବର୍ଷକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି । ଏଥିସହିତ ସ୍ଥାନୀୟ ପରିବେଶ ପ୍ରେମୀମାନେ ଏହି ଜଙ୍ଗଲରେ ନୂତନ ଫଳଗଛ ସୃଷ୍ଟି କରିବା ପାଇଁ ବହୁ ଗଛ ଲଗାଉଛନ୍ତି । ତେବେ ଏହି ଜଙ୍ଗଲି ଜନ୍ତୁମାନଙ୍କ ପାଇଁ ବିପଦ ସାଜିଛନ୍ତି ଜଙ୍ଗଲ ମଧ୍ୟରୁ ବେଆଇନ ଭାବେ ମାଟି ଚାଲାଣକାରୀ ବ୍ୟକ୍ତିମାନେ । ଏହି ଜଙ୍ଗଲ ଅଞ୍ଚଳରୁ ଦୈନିକ ଜେସିବି ଲଗାଇ ଶହଶହ ସଂଖ୍ୟାରେ ହାଇୱା ମାଟି ଚାଲାଣ କରୁଛି । ଏଥିପ୍ରତି ନା ନିଘା ଅଛି ରାଜସ୍ୱ ବିଭାଗର ନାଁ ଜଙ୍ଗଲ ବିଭାଗର । ଏବେଠାରୁ ଏହି ବେଆଇନ ମାଟିଚାଲାଣକାରୀଙ୍କ ପ୍ରତି କଠୋର ପଦକ୍ଷେପ ନନିଆଗଲେ ଆଗାମୀ ଦିନରେ ଜଙ୍ଗଲତ ଧ୍ୱଂସ ପାଇବ



ଏହାର ପ୍ରଭାବରେ ଅଞ୍ଚଳ ପ୍ରଦୂଷିତ ହୋଇ ହୋଇ ନାନାଦି ପ୍ରାକୃତିକ ବିପର୍ଯ୍ୟୟକୁ ସ୍ଥାନୀୟ ଜନସାଧାରଣ ସାମ୍ନା କରିବାକୁ ବାଧ୍ୟ ହେବେ । ଏଥିସହିତ ଏହି ଅଞ୍ଚଳ ଦେଇ ବହିଯାଇଥିବା ଗୋବରୀ ନଦୀ ପଠାରୁ ମଧ୍ୟବେଆଇନ ମାଟି ଚାଲାଣ ହେବା ଦ୍ୱାରା ଆଗାମୀ ବର୍ଷା ଦିନରେ ଗୋବରୀ ନଈର ପାଣି ସ୍ଥାନୀୟ ନୋଳସାହି, ରାଜନଗର ଓ ରଘୁଦେଇପୁର ଗ୍ରାମ ମଧ୍ୟକୁ ପ୍ରବେଶ କରି ବିପର୍ଯ୍ୟୟ ସୃଷ୍ଟି କରିବ ବୋଲି ଅଞ୍ଚଳବାସୀ କହିଛନ୍ତି ।

## ମହାକାଳପଡ଼ା କଂଗ୍ରେସ କର୍ମୀଙ୍କ ସମୀକ୍ଷା ବୈଠକ

**ମା ର୍ଶା ଘା ଇ , ୩ । ୪ ( ସ ମି ସ ) :** ମହାକାଳପଡ଼ା କଂଗ୍ରେସ ସମୀକ୍ଷା ବୈଠକ ମାର୍ଶାଘାଇ ବ୍ଲକ ଶିଳିପୁର କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଯୁବନେତା ବିଭ୍ରାଂଶୁ ଶେଖର ଲେଙ୍କାଙ୍କ ନେତୃତ୍ୱରେ ଅନୁଷ୍ଠିତ କର୍ମୀ ସମାବେଶରେ ଆଗାମୀ ନିର୍ବାଚନ ଓ ଉପଯୁକ୍ତ ପ୍ରାର୍ଥୀ ଚୟନ ଉପରେ ଆଲୋଚନା ହୋଇଛି । ମାର୍ଶାଘାଇ ବ୍ଲକ କଂଗ୍ରେସ ସଭାପତି ବିଜୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଯୁବ କଂଗେସ ସଭାପତି ରତିକାନ୍ତ ବେଉରା, ପୂର୍ବତନ ସରପଞ୍ଚ ଯୁଗଳକିଶୋର ଦାସ, ଅଙ୍ଗୁଳାଇ ସରପଞ୍ଚ ମଙ୍ଗରାଜ ବେହେରା, ଶିଳିପୁର ସମିତି ସଭ୍ୟା ଭାରତୀ କାନୁନ୍‌ଗୋ, ନିରାକାର ଜେନା, ଗୌରାଙ୍ଗ ଯେନା, କବିନ୍ଦ୍ର ସାମଲ, ରାଜକିଶୋର ପ୍ରଧାନ, କୁଳମଣି ସାମଲ, ରଘୁନାଥ ସେଠୀ, ଚିତ୍ତରଞ୍ଜନ ତରାଇ, ପ୍ରଭାସ ଚନ୍ଦ୍ର ଦାସ, ଭାବଗ୍ରାହୀ ଦାସ, ବିଜୟ ମହାପାତ୍ର, ଭିକାରୀ ଚରଣ ବେଉରା, ବାବାଜୀ ମଲ୍ଲ, ଦେବେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରେ କଂଗ୍ରେସକୁ ମଜବୁତ କରିବାକୁ କର୍ମୀ ସଂଗଠିତ ହୋଇ କାର୍ଯ୍ୟ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ମହାକାପଳଡ଼ା ନିର୍ବାଚନ ମଣ୍ଡଳୀରୁ ପୂର୍ବତନ କଂଗେସ ପ୍ରାର୍ଥୀ ବିଭ୍ରାଂଶୁ ଶେଖର ଲେଙ୍କାଙ୍କୁ ପ୍ରାର୍ଥୀ କରିବାକୁ ବୈଠକରେ କର୍ମୀମାନେ ପିସିସିକୁ ପ୍ରସ୍ତାବ ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଯଦି କୌଣସି କାରଣରୁ ବାଦ୍ ଦିଆଯାଏ, ତାହାହେଲେ ଯୁବ କଂଗେସ ସଭାପତି ରତିକାନ୍ତ ବେଉରାଙ୍କୁ ପ୍ରାର୍ଥୀ କରିବାକୁ ସର୍ବସମ୍ମତ ପ୍ରସ୍ତାବ ଗୃହିତ କରାଯାଇଥିବା ବ୍ଲକ କଂଗ୍ରେସ ସଭାପତି ଶ୍ରୀ ପଣ୍ଡା କହିଛନ୍ତି ।

### ■ ମଧୁସାଗର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ମନଜିଣିଲା ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ

**ଡେରାବିଶ, ୩।୪ (ସମିସ):**କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆ ହାଟଠାରେ ଆୟୋଜିତ ମଧୁସାଗର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅଭିନୀତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କ ହୃଦୟକୁ ଛୁଇଁ ପାରିଛି । ସନ୍ଧ୍ୟାର ସଭାରେ ମହୋତ୍ସବ କମିଟିର ଉପସଭାପତି ଦାମୋଦର ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ ଇଂ ବିଭୁଦତ୍ତ ମିଶ୍ର ଡକ୍ଟର ମୁରଲୀଧର ରଥ, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସୁଲୋଚନା ଦେହୁରୀ, ସ୍ଥାନୀୟ ସମିତିସଭ୍ୟା ପ୍ରମିଳା ମିଶ୍ର, ଜମଧର ପଞ୍ଚାୟତର ସରପଞ୍ଚ ରାଜକିଶୋର ଖୁଣ୍ଟିଆ ଅତିଥି ଭାବରେ ଯୋଗ ଦେଇଥିଲେ । ସମ୍ପାଦକ ଦେବକୀନନ୍ଦନ ମିଶ୍ର, ନଟବର ଭଦ୍ର, ନିରଞ୍ଜନ ସ୍ୱାଇଁ, ପୁର୍ଣ୍ଣଚନ୍ଦ୍ର ମିଶ୍ର, ବସନ୍ତ କୁମାର ଜେନା, ନଗେନ୍ଦ୍ର ରାଉତ, ଗଜେନ୍ଦ୍ର ମହାନ୍ତି, ରମେଶ ଚନ୍ଦ୍ର ପତି, ନାରାୟଣ ସ୍ୱାଇଁ, ପ୍ରଶାନ୍ତ କୁମାର ଦାସ, ଶରତ ଚନ୍ଦ୍ର ଆଚାର୍ଯ୍ୟ, ପ୍ରାଣକୃଷ୍ଣ ସାମଲ, ମନୋଜ କୁମାର ବାରିକ ପ୍ରମୁଖଙ୍କ ସଂଯୋଜନାରେ ସାଂସ୍କୃତିକ ସମ୍ପାଦକ ଶରତ ଚନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ବଡ଼ଗାଁର ରାଧାଗୋବିନ୍ଦଜୀଉ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ 'ଧର୍ମପଦ ଗୀତିନାଟ୍ୟ' ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ଖୁବ୍ ଚିତାକର୍ଷକ ହୋଇଥିଲା । ଶେଷରେ ମହୋତ୍ସବ କମିଟିର ଯୁଗ୍ମ ସମ୍ପାଦକ ମଦନ ମୋହନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।



### ● ଓଲାଭର ଡିଗ୍ରୀ କଲେଜ ପରିଚାଳନା କମିଟି ଗଠନରେ ବିଳମ୍ବ

## ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ଜବାବ ତଲବ

**ଓ ଲା ଭ ର , ୩ । ୪ ( ସ ମି ସ ) :** ରାଜକନିକା ବ୍ଲକର ସର୍ବପୁରାତନ ଓଲାଭର ଡିଗ୍ରୀ କଲେଜ ସର୍ବଦା ବିବାଦରେ ରହିଆସିଥିବାବେଳେ ପୁଣି ଏକ ବିବାଦରେ ଛନ୍ଦି ହୋଇଛି । ରିଜିଓନାଲ ଡାଇରେକ୍ଟୋରେଟ୍ ଅଫ୍ ଏଜ୍ୟୁକେଶନ ପକ୍ଷରୁ ଜାରି ହୋଇଥିବା ଚିଠିରେ କଲେଜ ପରିଚାଳନା କମିଟି ଗଠନରେ ଅହେତୁକ ବିଳମ୍ବ ଓ ସଭାପତିଙ୍କୁ ଅସହଯୋଗ ଦର୍ଶାଇ ନିର୍ଦ୍ଦେଶକ କଲେଜର ଅଧ୍ୟକ୍ଷଙ୍କୁ ଜବାବ ମାଗିଛି । ଫଳରେ କଲେଜରେ ବିଭିନ୍ନ ସମୟରେ ଲାଗି ରହିଥିବା ଅନିୟମିତତା ଓ ବିବାଦୀୟ ଘଟଣାରେ ଅଧ୍ୟକ୍ଷ ଛନ୍ଦି ହୋଇପଡ଼ିଛନ୍ତି । ନିର୍ଦ୍ଦେଶକଙ୍କ ପକ୍ଷରୁ ମିଳିଥିବା ଚିଠି ନମ୍ବର ୨୩୯ ୯/୨୦/୩/୨୦୨୪ ଅନୁସାରେ ତିନିମାସ ତଳେ ରାଜ୍ୟ ସରକାରଙ୍କ ଦ୍ୱାରା ଓ ବିଭାଗୀୟ ନିର୍ଦ୍ଦେଶନାମାରେ ସଭାପତି ଚୟନ ହୋଇସାରିଛି । ଏଯାବତ୍ ଅନ୍ୟ ସଦସ୍ୟଙ୍କ ନାମ ସରକାରଙ୍କ ପାଖେ ନ ପହଞ୍ଚିବା ଦ୍ୱାରା କମିଟିର ପୂର୍ଣ୍ଣାଙ୍ଗ ରୂପରେଖ ହୋଇପାରୁନାହିଁ । ଏମିତିକି ସଭାପତିଙ୍କୁ ମଧ୍ୟ ଅସହଯୋଗ କରାଯାଉଥିବା ଉଲ୍ଲେଖ ରହିଛି । ଅବିଳମ୍ବେ ସଦସ୍ୟଙ୍କ ନାମ ପଠାଇବାର ଆବଶ୍ୟକତା ରହିଛି । ଏଭଳି ଅନିୟମିତତା ବିରୁଦ୍ଧରେ ଓଡ଼ିଶା ଶିକ୍ଷା ଆଇନ୍ ଓଇ୧୯୬୯ ଅନୁସାରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ ହେବ ବୋଲି କଡ଼ା ଭାଷାରେ ଉଲ୍ଲେଖ ରହିଛି । ତେବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ଜବାବ ତଲବ ପରେ ଅଧ୍ୟକ୍ଷ ହରଡ଼ଘଣାରେ ପଡିଥିବାର ଚର୍ଚ୍ଚା ହେଉଛି । ଯାହାକୁ ନେଇ ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ର ପରିଷଦ, ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି । ନିର୍ଦ୍ଦେଶକଙ୍କ ଚିଠି ପରେ କମିଟି ଗଠନ ନେଇ ଅଧ୍ୟକ୍ଷ କି ପ୍ରକାର ପଦକ୍ଷେପ ନେବେ, ତାହା ଉପରେ ରହିଛି ସମସ୍ତଙ୍କ ନଜର ରହିଛି ।

## ଚୋରାମଦ ଓ ସ୍କୁଟି ଜବତ, ୨ ଗିରଫ

**ମାର୍ଶାଘାଇ,୩।୪(ସମିସ):** ମାର୍ଶାଘାଇ ଥାନା କ୍ରସିଂ ଛକ-ପୁରୁଷୋତ୍ତମପୁର ରାସ୍ତାରେ ୨ ଜଣ ଚୋରାମଦ ବ୍ୟବସାୟୀ ସ୍କୁଟିରେ ୩୦ ପ୍ୟାକେଟ ଚୋରା ଆସ୍କାଫଟି ଚାଲାଣ କରୁଥିବା ଖବର ପାଇ ପୁଲିସ ଟିମ୍ ଚଢ଼ଉ କରି ଚୋରାମଦ ସହ ୨ ଜଣ ଜୁଣର ରାଜକିଶୋର ସ୍ୱାଇଁ (୩୬) ଓ ମାର୍ଶାଘାଇର ବଲ୍ଲଭ ଜେନା(୩୧)ଙ୍କୁ ଗିରଫ କରିଛି । ଜବତ ୩୦ ପ୍ୟାକେଟରେ ୨୦୦ ମିଲି ୭୫୦ ବୋତଲ କରିଛି । ଏସ୍‌ଆଇ ପ୍ରତିଲତା ଲାଲଙ୍କ ନେତୃତ୍ୱରେ ପୁଲିସ ଟିମ୍ ରାଜପଥରେ ପାଟ୍ରୋଲିଂ କରୁଥିବାବେଳେ ଏକ ସ୍କୁଟିରେ ବ୍ୟାପକ ଚୋରାମଦ ମାର୍ଶାଘାଇ ବଜାରକୁ ଚାଲାଣ କରାଯାଉଥିବା କୌଣସି ସୂତ୍ରରୁ ଜାଣିବାକୁ ପାଇ ଘଟଣାସ୍ଥଳରେ ଚଢ଼ଉ କରିଥିଲେ । ପୁରୁଷୋତ୍ତମପୁର ରାସ୍ତାରେ ସ୍କୁଟିରେ ଚୋରାମଦ ନେଇ ଯିବା ସମୟରେ ପୁଲିସ ଚଢ଼ଉ କରି ଚୋରାମଦ ଓ ଚାଲାଣରେ ବ୍ୟବହୃତ ସ୍କୁଟରକୁ ପୁଲିସ ଜବତ କରିଥିବା ଓ ସମ୍ପୃକ୍ତ ଚୋରାମଦ ଚାଲାଣକାରୀଙ୍କୁ ପୁଲିସ ଗିରଫ କରିଥିବା ତଦନ୍ତକାରୀ ଅଧିକାରୀ ଆଇଆଇସି ପ୍ରଜ୍ଞାପରମିତା ଜେନା ପ୍ରକାଶ କରିଛନ୍ତି ।

## ବାଇକ୍‌ରୁ ପଡ଼ି ଦୁଇ ମହିଳା ଆହତ

**ପଞ୍ଚୁପାଣ୍ଡବ,୩।୪(ସମିସ):** ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମର ଦୁଇ ମହିଳା ରାସ୍ତାରେ ହୋଇଥିବା ଗାତ ଯୋଗୁ ପଡ଼ି ଆହତ ହୋଇଛନ୍ତି । ବେଣିପୁର ପଞ୍ଚାୟତର ରାଇତୁଣ୍ଡି ଗ୍ରାମରୁ ବେଣିପୁର ଲକ ପୋଲ ପର୍ଯ୍ୟନ୍ତ ରାସ୍ତା ଏବେ ନୂଆକରି ପିଚୁ ହୋଇଥିଲେ ମଧ୍ୟ ଅଳ୍ପ କିଛି ଦିନ ମଧ୍ୟରେ ରାସ୍ତାର କିଛି ସ୍ଥାନରେ ଗାତ ସୃଷ୍ଟି ହୋଇଛି । ଏହି ରାସ୍ତା ଦେଇ ଶହଶହ ଗାଡ଼ି ମଟର ଯିବା ଆସିବା କରୁଥିବା ବେଳେ ଏହି ଗାତ ଯୋଗୁ ଲୋକମାନେ ପଡ଼ି ଆହତ ହେଉଥିବା ଜଣାଯାଇଛି । ଗତକାଲି ସଦାନନ୍ଦପୁର ଗ୍ରାମର ସିଆରପି ମମତା ତ୍ରିପାଠୀ ଓ ଇସି ଅକ୍ତର ବିବି ଯାଉଥିବା ବେଳେ ଏହି ଗାତରେ ପଡ଼ି ଆହତ ହୋଇଛନ୍ତି । ଏହି କେନାଲ୍ ବନ୍ଧ ରାସ୍ତା ନିମ୍ନମାନର ହୋଇଥିବାରୁ ଏହାର ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ହିନ୍ଦୁ ନବବର୍ଷ ପାଳନ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡ଼ା,୩।୪(ସମିସ):** ସାମାଜିକ ସଂଗଠନ "ଜୟ ରାଷ୍ଟ୍ରଦ' ପକ୍ଷରୁ ସ୍ଥାନୀୟ ବାରଙ୍ଗେଇ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ହିନ୍ଦୁ ନବବର୍ଷ ପାଳନର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚୈତ୍ର ଶୁକ୍ଳ ପ୍ରତିପଦା ତିଥି ତଥା ଏପ୍ରିଲ ୯ ତାରିଖ ଦିନ ଅନୁଷ୍ଠାନ ପକ୍ଷରୁ ହିନ୍ଦୁ ନବବର୍ଷ ଯଥାରୀତି ପାଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏହି ଦିନ ବାରଙ୍ଗେଇ ଠାକୁରାଣୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ବିଶ୍ୱ ଶାନ୍ତି ନିମନ୍ତେ ହୋମ, ଗୋ ପୂଜା, ସୂର୍ଯ୍ୟ ପୂଜା, ସମୂହ ପ୍ରାର୍ଥନା ଇତ୍ୟାଦି ଅନୁଷ୍ଠିତ ହେବ । ଅନୁଷ୍ଠାନର ସଦସ୍ୟମାନେ ଅତିକମ୍‌ରେ ୫ଟି ପରିବାରକୁ ହିନ୍ଦୁ ନବବର୍ଷ ପାଳନ ପାଇଁ ସୂଚନା ପ୍ରଦାନ କରିବା ସହ ନିଜ ଘରେ ପୂଜାର୍ଚ୍ଚନା କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଅନୁଷ୍ଠାନର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଜ୍ୟୋତି ରଞ୍ଜନ ନାୟକ, ପ୍ରଦେଶ ସଂଯୋଜକ ପଙ୍କଜ ସିହ୍ନା, ନିରଞ୍ଜନ ଦାସ, ରଶ୍ମୀ ରଞ୍ଜନ ସ୍ୱାଇଁ,ମଳୟ ସାହୁ, ବିକାଶ ସ୍ୱାଇଁ, ନିରଞ୍ଜନ ମହାରଣା, ଲକ୍ଷ୍ମୀକାନ୍ତ ନାୟକ,ସୁଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବ ମାନ ଦେଇଥିଲେ । ଶେଷରେ ସଦସ୍ୟ ବିରେନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

## ବିଶ୍ୱଶାନ୍ତି ମହାଯଜ୍ଞ ସହ ଶ୍ରୀଜଗନ୍ନାଥଙ୍କ ୨୪ ବେଶ ଉଦ୍‌ଯାପିତ



**କୁଜଙ୍ଗ,୩।୪(ସମିସ):** ଜଗତସିଂହପୁର କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମା କଲେଜ ପଡିଆ ଠାରେ ବିଶ୍ୱର କଲ୍ୟାଣ ନିମନ୍ତେ ବିଶ୍ୱଶାନ୍ତି ମହାଯଜ୍ଞ,ଶ୍ରୀଜଗନ୍ନାଥଙ୍କ ୨୪ବେଶ ଓ ଛପନ ଭୋଗର ପ୍ରଦର୍ଶନ କରାଯାଇଥିଲା ।ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଆଠଦିନ ବ୍ୟାପି ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ନାମାଚାର୍ଯ୍ୟ ଶ୍ରୀମଦ ବାୟାବାବା ଭାଗବତ ପ୍ରଚାର ପ୍ରସାର ସମିତି ରାହାମାର ମୁଖ୍ୟ ସଂଯୋଜକ ଡ଼ ସୁନାକର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମହାନ ଭବ୍ୟ ବିଶାଳ କାର୍ଯ୍ୟକ୍ରମ ପବିତ୍ର ଦୋଳ ପୂର୍ଣ୍ଣିମା ଠାରୁ ଆରମ୍ଭହୋଇ ସୋମବାର ଦିନ ପୂର୍ଣ୍ଣାହୁତି କରାଯାଇଛି । ଅନ୍ତିମ ଦିବସରେ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଭଲପାଉଥିବା ଶ୍ରଦ୍ଧାଳୁ ଭକ୍ତମାନେ ହଜାର ହଜାର ସଂଖ୍ୟାରେ ଉପସ୍ଥିତ ହୋଇ ମହାପ୍ରଭୁଙ୍କ ଚବିଶ ବେଶ ଓ ଛପନ ଭୋଗକୁ ଦର୍ଶନ ସହିତ ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥିଲେ ।ଅନୁଷ୍ଠାନ ଦ୍ୱାଦଶ ବର୍ଷରେ ପଦାର୍ପଣ କରୁଥିବାରୁ ଶ୍ରୀମଦ ଭାଗବତ ପାରାୟଣ ଓ ପ୍ରବଚନ ସପ୍ତାହ ଜ୍ଞାନଯଜ୍ଞ ଓ ଘୃତ ଯଜ୍ଞ କାର୍ଯ୍ୟକ୍ରମରେ ଓଡିଶା ଓ ଓଡିଶା ବାହାରୁ ବହୁ ବରେଣ୍ୟ ସାଧୁସନ୍ଥ ମଞ୍ଚ ମଣ୍ଡନ କରି ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଶ୍ରୀମଦ ଭାଗବତର ମାର୍ମିକ ତତ୍ତ୍ୱର ଦିଗଦର୍ଶନ ଦେଇ ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ । ପ୍ରଥମ କରି ଜଗତସିଂହପୁର ଜିଲ୍ଲାର ରାହାମାଠାରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ପୁରୀଙ୍କ ମାର୍ଗଦର୍ଶନ ଓ ପୂଜ୍ୟ ବାବା ସତ୍ୟାନନ୍ଦ ଦାସ ମହାରାଜ ଦିଗଦର୍ଶନରେ ଶ୍ରୀ ଜଗନ୍ନାଥଙ୍କ ୨୪ବେଶ ଓ ଛପନ ଭୋଗ ପ୍ରଦର୍ଶିତ ହୋଇଥିବାରୁ ହଜାର ହଜାର ଶ୍ରଦ୍ଧାଳୁମାନଙ୍କ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳିଥିଲା । ପୂର୍ଣ୍ଣାହୁତି ଯଜ୍ଞର ଅନ୍ତିମ ଦିବସରେ ସାଧୁସନ୍ଥ ପୂଜନ ସହିତ ୧୦ ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁ ମାନଙ୍କୁ ଆନନ୍ଦ ବଜାରରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା ।ଅନୁଷ୍ଠାନର କର୍ମକର୍ତ୍ତା ମାନଙ୍କ ମଧ୍ୟରେ ସଭାପତି ରବିନାରାୟଣ ସାହୁ,ଯଜ୍ଞକର୍ତ୍ତା ଉତ୍ତମ ଚରଣ ଦାସ ଓ କର୍ତ୍ତା,ଉପକର୍ତ୍ତା ଲକ୍ଷ୍ମୀଧର ସାହୁ ଓ କର୍ତ୍ତାଙ୍କ ସହିତ ଅବସର ପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ସାହୁ, ଅକ୍ଷୟ କୁମାର ସାହୁ, ଭିକାରି ଚରଣ ସେନାପତି, ମନୋହର ସ୍ୱାଇଁ, ନିହାର ରଞ୍ଜନ ଲେଙ୍କା, ଅଜୟ କୁମାର ସାହୁ, ସୁଲେଖ ବେହେରା,ଶ୍ରୀକାନ୍ତ ମହାନ୍ତି, ଶିକ୍ଷକ ଅମିୟ କୁମାର ଜେନା, ପ୍ରଦୀପ ସାହୁ, ପଦୀପ ବେଉରା, ବିନୋଦ ବରାଳ, ଦିଲ୍ଲୀପ ସେନାପତି,ଅଧିକାରୀ ରମାକାନ୍ତ ଦାସ,ଭେଷଜ ଦୀପକ କୁମାର ଦାସ ବ୍ୟାସ, ଫାଉଣ୍ଡେସନ ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ଜୋତିର୍ବିଦ ଡ଼ ଅରୁଣ କୁମାର ପାଣି,ରବୀନ୍ଦ୍ର ମହାନ୍ତି ଇତ୍ୟାଦି ଅନେକ କର୍ମକର୍ତ୍ତା ପରିଚାଳନା କରିଥିଲେ ।

### ଦୁର୍ଘଟଣାରେ ଚାଲିଗଲା ଗୋଡ଼

# ବିଏସ୍‌କେୱାଇ କାର୍ଡ ଦେଲା ନୂଆ ଜୀବନ



**ମାର୍ଥାପୁର, ୩।୪ (ସମିସ)**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ) ମାଧ୍ୟମରେ ଜଣେ ଭିନ୍ନକ୍ଷମ ବ୍ୟକ୍ତି ଚାଲିବାରେ ସକ୍ଷମହେ୍ୱା ସହ ନିଜ ପରିବାରର ଭଲ ମନ୍ଦ ବୁଝିବାରେ ସକ୍ଷମ ହୋଇପାରିଛନ୍ତି। ଢେଙ୍କାନାଳ ଜିଲ୍ଲାର ଭୁବନ ବ୍ଲକ ଅନ୍ତର୍ଗତ ମାର୍ଥାପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ହରିଜନ ସାହିର ଭିନ୍ନକ୍ଷମ ଅଭୟ ମଳିକ (୩୭) ଚାଲିବାକୁ ସକ୍ଷମ ହୋଇଛନ୍ତି। ଅଭୟ ଆଜକୁ ଦୁଇ ବର୍ଷ ହେବ ଗାଡ଼ି ଦୁର୍ଘଟଣାର ଶିକାର ହୋଇ ଡାହାଣ ଗୋଡ଼ ହରାଇଥିଲେ। ଅଭୟଙ୍କ ଡାହାଣ ଗୋଡ଼ ନଥିବାରୁ ଚଳାବୁଲା ଦୂରର କଥା, ପାଦେ ଘୁଞ୍ଚିବା ପାଇଁ ମଧ୍ୟ ଅନ୍ୟମାନଙ୍କ ଉପରେ ନିର୍ଭର କରି ରହୁଥିଲେ। ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇବା ପରେ ରାଜ୍ୟ ସରକାରଙ୍କ ସୁବିଧା ସୁଯୋଗ ସେ ପାଇପାରିଛନ୍ତି। ଅଭୟ ଦୈନନ୍ଦିନ ନିଜ କର୍ମ କରିବା ପାଇଁ ମଧ୍ୟ ଅନ୍ୟର ସାହାଯ୍ୟ ଲୋଡୁଛନ୍ତି। ଭିନ୍ନକ୍ଷମ ହୋଇ ବି କିଛି ବ୍ୟବସାୟିକ ରୋଜଗାର କରି ପରିବାରର ଗୁଜୁରାଣ ମେଣ୍ଟାଇବାକୁ ସେ ଆଶା ବାନ୍ଧିଥିବା ବେଳେ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ମାଧ୍ୟମରେ ସେ ସଫଳତା ପାଇପାରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡରେ ସେ ବେସରକାରୀ ମେଡିକାଲ୍ରେ ଗୋଡ଼ ପ୍ରତ୍ୟାରୋପଣ କରିପାରିଛନ୍ତି। ଅଭୟଙ୍କ ଗୋଡ଼ ଲାଗିବା ପରେ ଏବେ ଚାଲିବାରେ ସକ୍ଷମ ହୋଇପାରିଛନ୍ତି। ଦୀର୍ଘ ଦିନ ପରେ ଚାଲି ପାରୁଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନିଜର ଅଭାବୀ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ଛୋଟ ଦୋକାନ ଖଣ୍ଡେ କରିବାକୁ ଆଶା ବାନ୍ଧିଥିବା ବେଳେ ଯାତାୟାତର ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାଟେରିଚାଳିତ ଟ୍ରାଇ ସାଇକଲ ପ୍ରଦାନ କରିବା ପାଇଁ ନିବେଦନ କରିଛନ୍ତି।

# ସୌରଶକ୍ତି ପ୍ରକଳ୍ପ ଉଦ୍‌ଘାଟିତ



**ତାଳଚେର ସଦର, ୩।୪(ସମିସ):** ଜାତୀୟ ତାପଜ ବିଦ୍ୟୁତ କେନ୍ଦ୍ର କଣିହାଁ ଦ୍ୱାରା ତାଳଚେର କଲେଜରେ ୨୦ କିଲୋୱାଟ ବିଶିଷ୍ଟ ସୌରଶକ୍ତି ପ୍ରକଳ୍ପ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଡ଼ଃ ଅଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦଘାଟନ ଉତ୍ସବରେ ଉଦଘାଟକ ରୂପେ ଜାତୀୟ ତାପଜବିଦ୍ୟୁତ୍ କେନ୍ଦ୍ର ମୁଖ୍ୟ ମହାପ୍ରବନ୍ଧକ ଅଶୋକ କୁମାର ସେହଗଲ୍, ମୁଖ୍ୟ ଅତିଥିରୂପେ ତାଳଚେର ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀ, ସମ୍ମାନୀୟ ଅତିଥିରୂପେ ଏନଟିପିସି କଣିହାଁର ମାନବସମ୍ବଳ ମୁଖ୍ୟ ବ୍ରିଜ୍ କିଶୋର ପାଣ୍ଡେ, ପ୍ରବନ୍ଧକ ମନରଞ୍ଜନ ପାଣିଗ୍ରାହୀ ଯୋଗଦେଇଥିଲେ। ସୌରଶକ୍ତି ପ୍ରକଳ୍ପ ଦ୍ୱାରା ମହାବିଦ୍ୟାଳୟର ସମଗ୍ର ଅଞ୍ଚଳରେ ଆଲୋକର ସୁବିଧା ଦୃଢ଼ିଭୂତ ହେବା ସହ ଛାତ୍ରଛାତ୍ରୀ ଗଣ ବିଶେଷ ଉପକୃତ ହୋଇପାରିବେ। ଉତ୍ସବରେ ପ୍ରାକ୍ତନ ଅଧ୍ୟକ୍ଷା ପୁଷ୍ପଲତା ରଥ, ବିନୟ କୁମାର ଖିଲାରଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଧନ୍ୟବାଦ୍ ଅର୍ପଣସହସଂଯୋଜକରୂପେମଞ୍ଚପରିଚାଳନା କରିଥିଲେ ଅଧ୍ୟାପକ ଶଶାଙ୍କ କୁମାର ପ୍ରଧାନ।

# ନଳିନୀ ପ୍ରଧାନ ଆଠମଲ୍ଲିକ ବିଜେଡି ବିଧାୟକ ପ୍ରାର୍ଥୀ



**ବଇଣ୍ଡା, ୩।୪(ସମିସ):** ଶେଷରେ ଆଠମଲ୍ଲିକ ପାଇଁ ବିଜେଡି ନେତା ନଳିନୀ କାନ୍ତ ପ୍ରଧାନଙ୍କ ନାମରେ ମୁଖ୍ୟମନ୍ତ୍ରୀ ମୋହର ମାରିଛନ୍ତି। ନଳିନୀ ଗତ ନିର୍ବାଚନରେ ସମ୍ବଲପୁର ଏମପି ଭାବରେ ଲଢ଼ିଥିବା ବେଳେ ଦଳ ତାଙ୍କ ଉପରେ ପୁଣି ଭରସା କରି ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ଭାବରେ ଘୋଷଣା କରିଛନ୍ତି। ନଳିନୀଙ୍କ ନାମ ଘୋଷଣା ପରେ ଆଠମଲ୍ଲିକ ଉପଖଣ୍ଡରେ ବିଜେଡି କର୍ମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏନେଇ ନଳିନୀ କହିଛନ୍ତି ଯେ, ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ବିଜେଡି ସରକାର ଅମଳରେ ବହୁ ବିକାଶ ହୋଇଛି। ଆଠମଲ୍ଲିକବାସୀଙ୍କ ଆଶୀର୍ବାଦରେ ଆହୁରି ବିକାଶ କରାଯିବ ବୋଲି ସେ କହିଛନ୍ତି।

# ଏମ୍‌ସିଏଲ୍‌ର ଟାଲଟୁଲ ନୀତିକୁ ଠିକାଦାରଙ୍କ ବିରୋଧ

**ତାଳଚେର, ୩।୪(ସମିସ):** ତାଳଚେର କୋଇଲା ଖଣିରେ ଇଲେକ୍ଟ୍ରିକାଲ, ମେକାନିକାଲ, ମାଇନିଂ, ଏସ୍କାଭେସନ୍ କଣ୍ଟ୍ରାକ୍ଟର ୱେଲ ଫାୟାର ଆସୋସିଏସନ୍ ପକ୍ଷରୁ ଦୁଇ ଦଫା ଦାବିନେଇ ଏକ ସାମ୍ବାଦିକ ସମ୍ମିଳନୀ ହୋଇଥିଲା। ଏହି ସମ୍ମିଳନୀରେ ସଂଘର ସଭାପତି ସଂଜୟ ସିଂ, ଉପସଭାପତି ଜିତେନ୍ଦ୍ର ଦାସ୍, ସାଧାରଣ ସମ୍ପାଦକ ଶିବଶେଖର ସାହୁ ଓ ଆବାହକ ବାବୁ ରାଓ ପ୍ରମୁଖ ମଞ୍ଚାସୀନ ଥିଲେ। ଦୀର୍ଘ ୨୦ ବର୍ଷରୁ ଅଧିକ ହେବ ଏମସିଏଲର ଜରୁରୀକାଳୀନ ପରିସ୍ଥିତିରେ ଏହି ଠିକାଦାରମାନେ କୋଇଲା ଉତ୍ତୋଳନରେ ଏମସିଏଲକୁ ସହଯୋଗ କରି ଆସୁଥିବା ବେଳେ ଏବେ ଏମସିଏଲ ଟାଲଟୁଲ ନୀତି ଅବଲମ୍ବନ କରି ଠିକାଦାରମାନଙ୍କୁ କାର୍ଯ୍ୟରୁ ହଟାଇବା ପାଇଁ



ଚେଷ୍ଟା ଜାରି ରଖିଛି ବୋଲି ଅଭିଯୋଗ କରିଛନ୍ତି ଠିକାଦାର ସଂଘ। ଆଗରୁ ୨ ଲକ୍ଷ ପର୍ଯ୍ୟନ୍ତ ଚାଲିଆସୁଥିବା କାର୍ଯ୍ୟକୁ ଏବେ ଇ-ଟେଣ୍ଡର ମାଧ୍ୟମରେ ଏମସିଏ. କରିବାକୁ ନିଷ୍ପତ୍ତି ନେଇଥିବାରୁ ସ୍ଥାନୀୟ ଠିକାଦାର ଏହି କାର୍ଯ୍ୟକୁ ନେଇ ଅସନ୍ତୋଷ ଦେଖାଦେଇଛି। ତେବେ ଏମ.ସି. ଏଲ ଆଗାମୀ ଦିନରେ ଯଦି ସ୍ଥାନୀୟ ଠିକାଦାରଙ୍କ ପାଇଁ ସଠିକ ପଦକ୍ଷେପ ଗ୍ରହଣ ନ କରେ, ଯାହା ପରିଣାମ ହେବ ସେଥିପାଇଁ ଏମ.ସି.ଏଲ ଦାୟୀ ରହିବ ବୋଲି ଚେତାବନୀ ଦେଇଛି ଠିକାଦାର ସଂଘ।

■ ତାପମାତ୍ରା ବଢୁଛି, ଜଳଛତ୍ର ନାହିଁ

# ପାଣି ଟୋପାଏ ପାଇଁ ଲୋକେ ଡହକବିକଳ

**ତାଳଚେର, ୩।୪(ସମିସ):** କିଛିଦିନ ମଧ୍ୟରେ ତାପମାତ୍ର ବୃଦ୍ଧି ପାଇବା ଯୋଗୁ ଅସହ୍ୟ ଗୁଳୁଗୁଳି ଓ ଗରମ ପରିଲକ୍ଷିତ ହେଉଛି। ଫଳରେ ସକାଳ ୧୦ଟାରୁ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଏପ୍ରିଲ ମାସ ଆରମ୍ଭରୁ ପାରଦ ୪୧ ଛୁଇଁବାକୁ ବସିଥିବା ବେଳେ ମଧ୍ୟାହ୍ନରେ ସହର ପ୍ରାୟ ଜନଶୂନ୍ୟ ହୋଇଯାଉଛି। ସହର ବା ଜନଗହଳି ପୂର୍ଣ୍ଣ ସ୍ଥାନ, ଯାତ୍ରୀବିଶ୍ରାମ ଗାର, ପଥଚାରୀ ଯାତାୟାତ ରାସ୍ତା ଏବଂ କୌଣସି ଛକ ସ୍ଥାନ ଗୁଡ଼ିକରେ



ଜଳଛତ୍ର

ଏସୁଦ୍ଧା ତାପମାତ୍ରକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଜଳଛତ୍ର ଖୋଲାଯାଇନାହିଁ। ଏଥର ଖରା ପ୍ରଖର ହେବାକୁ ଲାଗିଲାଣି, ଜନଗହଳି ସ୍ଥାନରେ ପିଇବାକୁ ପାଣି ଟୋପେ ମିଳୁନି।

## ଦେଶୀ ମଦ ସହ ବାଇକ୍ ଜବତ, ୨ ଗିରଫ

**କବାଟବନ୍ଧ, ୩।୪ (ସମିସ):** ଜେନାପୁର ଥାନା ପକ୍ଷରୁ ୨ ଜଣ ଚୋରା ଦେଶୀମଦ ବେପାରୀକୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ୩୦ ଲିଟର ଦେଶୀ ମଦ ସହ ଏକ ବାଇକ୍ ଜବତ କରାଯାଇଥିବା ଜଣାପଡ଼ିଛି। ଗିରଫ ମଦ ବେପାରୀ ଦ୍ୱୟ ହେଲେ ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ଅଁଳାଝରି ଥାନା ଗ୍ରାମର ଜଗବନ୍ଧୁ ନାଥଙ୍କ ପୁଅ ଜିତେନ୍ଦ୍ର କୁମାର ନାଥ (୩୦) ଓ ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅନ୍ତର୍ଗତ ନାଳିଆଝର ଗ୍ରାମର ମନ ମୁଣ୍ଡାଙ୍କ ପୁଅ ଦେବ ମୁଣ୍ଡା (୨୯) ବୋଲି ଜଣାପଡ଼ିଛି। ମଙ୍ଗଳବାର ସନ୍ଧ୍ୟାରେ ଜିତେନ୍ଦ୍ର ଓ ଦେବ ଉଭୟ ଏକ ବାଇକ ଯୋଗେ ମଦ ନେଇ ଯାଉଥିବା ସମୟରେ ୫୩ ନମ୍ବର ଜାତୀୟ ରାଜପଥର ବାଲିସାହି ଛକ ନିକଟରେ ଜେନାପୁର ଥାନା ଏଏସଆଇ ପ୍ରଦୀପ କୁମାର ସାହୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ସେମାନଙ୍କ ନିକଟରୁ ୩୦ ଲିଟର ଦେଶୀ ମଦ ସହିତ ବାଇକ୍‌କୁ ଜବତ କରିଥିଲେ। ୧୨୨/୨୪ରେ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଥିବା ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

## ଅଖିଳଚକ୍ର ସମ୍ପାଦକଙ୍କୁ ଉତ୍କଳ ଜ୍ୟୋତି ସମ୍ମାନ

**ବିଞ୍ଝାରପୁର, ୩।୪ (ସମିସ):** ଉତ୍କଳ ଦିବସ ସମାରୋହ ଅବସରରେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଯୁଗାନ୍ତର ସାଂସ୍କୃତିକ ପରିଷଦ, ରଇପୁର ପକ୍ଷରୁ ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡାଙ୍କୁ ଉତ୍କଳ-ଜ୍ୟୋତିଷ୍କ ସମ୍ମାନରେ ସମ୍ମାନିତ କରାଯାଇଛି। ଓଡ଼ିଆ ଭାଷା ସାହିତ୍ୟ ସୃଷ୍ଟି, ବିକାଶ ଓ ପ୍ରସାରରେ ତାଙ୍କର ଐକାନ୍ତିକ ଉଦ୍ୟମ, ନିଷ୍ଠା ଓ ସମର୍ପିତ ଭାବଧାରା ତଥା ଦୀର୍ଘ ୫୪ ବର୍ଷ ଧରି ସାଂଗଠନିକ ପରାକାଷ୍ଠା ପ୍ରଦର୍ଶନ କରିଆସିଥିବାରୁ ତାଙ୍କୁ ଏହି ଅନୁଷ୍ଠାନ ପକ୍ଷରୁ ମୁଖ୍ୟଅତିଥି ଡଃ ହରିହର କାନୁନଗୋ, ସଭାପତି କିଶୋର ଚନ୍ଦ୍ର ଦାଶ, ସମ୍ପାଦକ ଡଃ ଭାଗ୍ୟଧର ସାହୁ ସମ୍ମାନିତ କରିଛନ୍ତି। ଅଖିଳଚକ୍ରର ଉପସଭାପତି ପୀତାମ୍ବର ସ୍ୱାଇଁ, ସହସମ୍ପାଦକ ଗୌରାଙ୍ଗ ସ୍ୱାଇଁ, ଆଜୀବନ ସଦସ୍ୟ ଅକ୍ଷୟ କୁମାର ଦାସ, କୁମାର ମହାପାତ୍ର ଯୋଗ ଦେଇଥିଲେ।

## ନିଆରା ଢଙ୍ଗରେ ଜନ୍ମ ଦିବସ ପାଳନ

**ବାଲିଚନ୍ଦ୍ରପୁର ୩।୪(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତ ଅଧୀନସ୍ଥ ଧାଉଡିଆପଦା ଦେଉରୀ ସାହିର ଛୋଟ ପିଲାଙ୍କ ଗହଣରେ ନିଜର ୫୦ତମ ଜନ୍ମ ଦିବସ ପାଳନ କରିଛନ୍ତି ମହାବାହୁ ଗ୍ରୁପ ଓଡ଼ିଶା ଟ୍ରଷ୍ଟର ସଭାପତି ଭାରତ ଭୂଷଣ ସାମଲ। ଦୀର୍ଘ ୪ବର୍ଷ ଧରି ମହାବାହୁ ଗ୍ରୁପରେ ରହି ଦୁଃଖ ଦୁର୍ଦ୍ଦଶାରେ ପୀଡିତ ଥିବା ଗରିବ ଲୋକଙ୍କ ସହାୟତା କରିବା ସହ ବନ୍ୟା ବାତ୍ୟା ସମୟରେ ନିଜ ଜୀବନକୁ ଖାତିର ନ କରି ଲୋକଙ୍କ ସେବା କରିଥିଲେ। ନିଜର ୫୦ତମ ଜନ୍ମ ଦିବସକୁ ଦେହୁରୀ ସାହିର କୁନି ପିଲାଙ୍କ ସହ ମିଶି ଜନ୍ମଦିନ କେକ୍ କାଟିବା ସହ ପିଲାଙ୍କୁ ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବାହୁ ଗ୍ରୁପ ଓଡ଼ିଶା ଟ୍ରଷ୍ଟର ପ୍ରତିଷ୍ଠାତା ଶିବ ପ୍ରସାଦ ସାମଲ, ବୈଷ୍ଣବ ଚରଣ ବାରିକ, ଅଜିତ ନାୟକ, ବଟକୃଷ୍ଣ ସ୍ୱାଇଁ, ଅଜୟ କୁମାର ମଲ୍ଲିକ, ଜିତେନ୍ଦ୍ର କୁମାର ବେହେରା, ଭରତ ସାମଲ, ବିକାଶ ସିଂ, ମନୋଜ କୁମାର ଶାନ୍ତି, ତପନ କୁମାର ଶାନ୍ତି, ସାଗର ମଲ୍ଲିକ, ଜଗନ୍ନାଥ ପୃଷ୍ଟି, ଭିକାରୀ ଚରଣ ବାରିକ, ତୈଳକ କୁମାର ବାରିକ, ଜୟଦେବ ଶାନ୍ତି, ସଞ୍ଜୟ କୁମାର ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଚଣ୍ଡିଖୋଲ ବାର୍ ଆସୋସିଏସନ ନୂତନ କର୍ମକର୍ତ୍ତାଙ୍କ ଶପଥପାଠ ଉତ୍ସବ

**ବଡ଼ଚଣା, ୩।୪(ସମିସ):** ଆଜି ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନ ସମ୍ମିଳନୀ କକ୍ଷରେ ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନର ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ସବଜଜ ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ଜେଏମଏଫସି ପରବିନ ମଣ୍ଡଳ, ଷ୍ଟେଟ ବାର ଆସୋସିଏସନର ଉପାଧ୍ୟକ୍ଷ, ରାଜୀବ ଲୋଚନ ମହାନ୍ତି ଯୋଗ ଦେଇଥିଲେ। ନିର୍ବାଚନ ଅଧିକାରୀ ପୁରୁଷୋତ୍ତମ ନାୟକ ନବନିର୍ବାଚିତ କମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ସଭାପତି ଦେବରାଜ ବେହେରା, ଉପସଭାପତି ଶ୍ରୀକାନ୍ତ ବଳ, ସମ୍ପାଦକ ପ୍ରକାଶ କୁମାର ଦାସ, ଯୁଗ୍ମସମ୍ପାଦକ ଶିରିଶ କୁମାର ସାମଲ, କୋଷାଧ୍ୟକ୍ଷ ଚିନ୍ମୟ ପ୍ରତାପ, ସହକାରୀ କ୍ରୀଡା ସମ୍ପାଦକ ତରୁଣ କୁମାର ବିଶ୍ୱାଳ, ସହକାରୀ ଗ୍ରନ୍ଥାଗାର ବିଜୟ କୁମାର ରାଉଳ, ସାଂସ୍କୃତିକ ସମ୍ପାଦକ ବୀରେନ କୁମାର ବିଶ୍ୱାଳ, କାର୍ଯ୍ୟକାରୀ କମିଟି ସଭ୍ୟ ସୁରେଶ କୁମାର ସାହାଣୀ, ଦେବଯାନୀ ମିଶ୍ର, ବିଶ୍ୱରଞ୍ଜନ ବେହେରା, ମନିର ମହମଦ ପ୍ରମୁଖ ପଦ ଓ ଗୋପନୀୟତାର ଶପଥ କରିଥିଲେ। ସହନିର୍ବାଚନ ଅଧିକାରୀ ମନୋଜ ଦାସ ଉତ୍ସବ ପରିଚାଳନା କରିଥିବାବେଳେ ନଗେନ୍ଦ୍ର କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ମଇଁଦା, ୩।୪(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ବରପଦା ପଞ୍ଚାୟତର ଦୁର୍ଯ୍ୟୋଧନ ନୋଡାଲ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର ସାମଲଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମହେଶ୍ୱର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବିନାରାୟଣ ମହାନ୍ତି, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ଶିକ୍ଷକ ସଂଘ ସଭାପତି କ୍ଷୀରୋଦ ମଳିକ, ସମ୍ମାନିତ ଅତିଥି ଭାବେ ଅକ୍ଷୟ କୁମାର ସାମଲ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଆଶାବୁଲା ଖାଁ ଯୋଗଦାନ କରିଥିଲେ। ବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା ବୋଲି ମତବ୍ୟକ୍ତ କରିଥିଲେ। ସେ ଜଣେ ଦକ୍ଷ ଶିକ୍ଷକ ଥିଲେ ବୋଲି ସମାଜସେବୀ ନିରୋଦ କୁମାର ମଳିକ ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନାତନ ଦାସ, ରମେଶ ଚନ୍ଦ୍ର ଧଳ, ଅଚ୍ୟୁତ ଧଳ, ଅକ୍ଷୟ କୁମାର ସେଠୀ, ବିଶ୍ୱନାଥ ସାମଲ, ସଂଗ୍ରାମ କେଶରୀ ସାମଲ, ସୁରୁଚି ମଳିକ, ନଟବର ତ୍ରିପାଠୀ, ବିଦ୍ୟାସାଗର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଭିମନ୍ୟୁ ସାହୁ, ଅନନ୍ତ ବେହେରା, ଅନୀଳା ସାମଲ, ସୁକାନ୍ତୀ ସାମଲ, ଜ୍ୟୋସ୍ନାରାଣୀ ମଳିକ, ପ୍ରଭାତ ସାହୁ ସହଯୋଗ କରିଥିଲେ।

## ବଡ଼କଇଁଚି ପଞ୍ଚାୟତରେ ୧୨୫ ହିତାଧିକାରୀଙ୍କୁ ମିଳିନି ଭତ୍ତା

**କୁଆଖିଆ, ୩।୪(ସମିସ):** ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ପ୍ରତ୍ୟେକ ମାସର ୧୫ ତାରିଖ ଅଥବା ତା' ପୂର୍ବରୁ ଭତ୍ତା ପ୍ରଦାନ କରାଯିବାର ନିୟମ ରହିଛି। ଏହି କ୍ରମରେ ଚଳିତ ବର୍ଷ ଫେବୃଆରୀ ମାସରେ ବ୍ଲକର ୨୮ଟି ପଞ୍ଚାୟତରେ ୨ ହଜାରରୁ ଅଧିକ ହିତାଧିକାରୀ ନୂତନ ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସେଥିମଧ୍ୟରୁ ବଡକଇଁଚି ପଞ୍ଚାୟତରେ ୧୨୫ ଜଣ ନୂତନ ହିତାଧିକାରୀଙ୍କ ନାମ ତାଲିକାରେ ସ୍ଥାନ ପାଇଥିଲା। ଅନ୍ୟ ସମସ୍ତ ପଞ୍ଚାୟତରେ ନୂତନ ହିତାଧିକାରୀଙ୍କୁ ଫେବୃଆରୀ ଓ ମାର୍ଚ୍ଚ ମାସର ଭତ୍ତା ପ୍ରଦାନ କରାଯାଇଛି। ଏଯାଏଁ ବଡ଼କଇଁଚି ପଞ୍ଚାୟତରେ ଭତ୍ତା ବଣ୍ଟନ କାର୍ଯ୍ୟ ସମ୍ପନ୍ନ ହୋଇନାହିଁ। ଏ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଅନ୍ୟପକ୍ଷରେ ସାଧାରଣ ନିର୍ବାଚନ ଆଦର୍ଶ ଆଚରଣବିଧି ଲାଗୁ ହୋଇସାରିଛି। ଆସନ୍ତା ଜୁନ ୪ ତାରିଖ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଏହି ଅବଧି ମଧ୍ୟରେ ନୂତନ ଭତ୍ତା ବଣ୍ଟନ ଆଚରଣ ବିଧି ଉଲ୍ଲଂଘନ କରିବ ବୋଲି କୁହାଯାଉଛି। ଏ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ସତ୍ୟଜିତ ରାଉତଙ୍କୁ ପଚାରିବାରୁ ନୂତନ ଭତ୍ତା ବଣ୍ଟାଯାଇ ନ ଥିବା ଅଭିଯୋଗକୁ ସ୍ୱୀକାର କରିଛନ୍ତି। ଭତ୍ତା ବହି ଓ ହିତାଧିକାରୀଙ୍କ ବହି ଲେଖିବାରେ ବିଳମ୍ବ ହେବାରୁ ଭତ୍ତା ବଣ୍ଟାଯାଇପାରିନାହିଁ। ନିର୍ବାଚନ ଆଚରଣ ବିଧି ଲାଗିଥିବାରୁ ଏହାକୁ ବାଣ୍ଟିବାରେ ଅସୁବିଧା ହେଉଥିବା ମତ ଦେଇଛନ୍ତି।

## ଶିଶୁ କବିତା 'ଧନ ପାଇଁ ନାନାବାୟା ଗୀତ' ଲୋକାର୍ପଣ

**ଧର୍ମଶାଳା, ୩।୪(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ପବିତ୍ର ଉତ୍କଳ ଦିବସ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଡଃ ଚିତ୍ତରଞ୍ଜନ ମହାନ୍ତିଙ୍କ ରଚିତ ଶିଶୁ କବିତା ସଂକଳନ 'ଧନ ପାଇଁ ନାନାବାୟା ଗୀତ' ଲୋକର୍ପିତ ହୋଇଛି। ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡଃ ରାଜକିଶୋର ପାଢ଼ୀ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଡଃ ମହାନ୍ତିଙ୍କ ନାତି ଶୀତିକଣ୍ଠ ଅଷ୍ଟମ ଜନ୍ମବାର୍ଷିକୀ ଅବସରରେ ଆୟୋଜିତ ଏହି ଉତ୍ସବରେ ଧର୍ମଶାଳା ସାହିତ୍ୟ ସମାଜ ସଭାପତି କାହ୍ନୁଚରଣ ଦାସ, ଡଃ ପ୍ରଶାନ୍ତ ସ୍ୱାଇଁ, ଅବସରପ୍ରାପ୍ତ ପ୍ରଶାସକ କୁମରବର ନାୟକ, ବ୍ରଜବନ୍ଧୁ ଶତପଥୀ, ପ୍ରେମଲତା ମହାରଣା, ଅର୍ପିତା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଶିଶୁ ପୁସ୍ତକକୁ ଉନ୍ମୋଚନ କରିଥିଲେ। ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କବୟିତ୍ରୀ ପଦ୍ମଜା ଶରଣ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଜେପିର ୬ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା

# ପ୍ରାର୍ଥୀ ଚୟନକୁ ନେଇ ଦଳରେ ବିବାଦ

**ଯାଜପୁର, ୩।୪(ସମିସ)**

ବିଜେପି ପକ୍ଷରୁ ଯାଜପୁର ଜିଲ୍ଲାର ୭ଟି ବିଧାନସଭା ଆସନ ମଧ୍ୟରୁ ୬ଟି ଆସନ ପ୍ରାର୍ଥୀ ଘୋଷଣା କରାଯାଇଛି। ଯାଜପୁର, ବିଂଝାରପୁର, କୋରେଇ, ସୁକିନ୍ଦା, ଧର୍ମଶାଳା ଓ ବଡ଼ଚଣା ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇଥିବାବେଳେ କେବଳ ବରୀ ପ୍ରାର୍ଥୀଙ୍କ ନାଁ ଘୋଷଣା କରିନି ଦଳ। ତେବେ ୬ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ପରେ ବିଜେପି ଦଳରେ ବିବାଦ ଦେଖାଦେଇଛି।

ଯାଜପୁର ନିର୍ବାନଚ ମଣ୍ଡଳୀ ଆସନ ପାଇଁ ଦଳ ଗୌତମ ରାୟଙ୍କୁ ଦଳ ଟିକଟ ଦେଇଥିବାବେଳେ ଏହି ଆସନ ପାଇଁ ଯୁବ ନେତା ସଂଗ୍ରାମ ପାତ୍ର ଓ ପୁଲିନ ପ୍ରକାଶ ପୁହାଣ ଜୋରଦାର ଲବି କରି ବିଫଳ ହୋଇଛନ୍ତି। ଗୌତମ ବାରମ୍ବାର ବିଜୁ ଜନତା ଦଳ ନିକଟରୁ ପରାଜୟବରଣ କରିବା ସତ୍ତ୍ୱେ ପୁଣି ତାଙ୍କ ଉପରେ ଦଳ ଆସ୍ଥା ସ୍ଥାପନ କରିବାକୁ ବିଜେପି କର୍ମୀ ସହଜେ ଗ୍ରହଣ କରିପାରୁନାହାନ୍ତି। ବିଜେପି ଯୁବ ମୋର୍ଚ୍ଚାର ସଂଗ୍ରାମ ପାତ୍ର ଦୀର୍ଘଦିନ ଧରି ଏହି ନିର୍ବାଚନ ମଣ୍ଡଳୀରେ ସଂଗଠନ କାର୍ଯ୍ୟ ଜାରି ରଖିଥିବାବେଳେ ପୁଲିନ ପ୍ରକାଶ ପୁହାଣ କଂଗ୍ରେସ ଦଳରୁ ଯାଇ ବିଜେପିରେ ସାମିଲ ହୋଇଥିଲେ। ଉଭୟ ଦଳୀୟ ପ୍ରାର୍ଥୀ ହେବା ନେଇ ଆଶା କରିଥିଲେ। ଦଳ ପକ୍ଷରୁ ଉଭୟଙ୍କୁ ଟିକଟ ଦେବା ପାଇଁ ଆଶ୍ୱାସନା ଦିଆଯାଇଥିଲା। ଶେଷ ମୁହୂର୍ତ୍ତରେ ଦଳ ଗୌତମଙ୍କୁ ଟିକଟ ଦେବାକୁ ନେଇ ବିବାଦ ଦେଖାଦେଇଛି। ସେପଟେ ଉଭୟ ପୁଲିନ ଓ ସଂଗ୍ରାମଙ୍କ ସମର୍ଥକଙ୍କୁ ଝଟକା ଲାଗିଥିବାବେଳେ ଏହାର ବଦଳା ନେବା ପାଇଁ ସ୍ୱାଧୀନ ବିଦ୍ରୋହୀ ପ୍ରାର୍ଥୀ ହେବା ପାଇଁ କୁଆଡେ ପରାମର୍ଶ ଦେଉଛନ୍ତି।

ସେହିପରି କୋରେଇରେ ସମାନ ଅବସ୍ଥା। ପୂର୍ବରୁ ଏଠାରେ ବିଧାୟକ ପ୍ରାର୍ଥୀ ଭାବେ ଲଢୁଥିବା ବିଶ୍ୱଜିତ ନାୟକ ନିଜର ଶକ୍ତି ପ୍ରଦର୍ଶନ କରି ଆସୁଥିବାବେଳେ ତାଙ୍କୁ ଏଥର ବାଦ୍ ଦିଆଯାଇଛି। ଅନ୍ୟପଟେ ଯୁବ ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିକଟତର କୁହାଯାଉଥିବା ଆଲେକଜାଣ୍ଡାର ଦାସଙ୍କୁ ମଧ୍ୟ ଟିକଟ ପାଇବାରୁ ବଞ୍ଚିତ କରିଛି ଦଳ। ସଦ୍ୟ ବିଜୁ ଜନତା ଦଳରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହୋଇଥିବା ଅଭିନେତା ତଥା କୋରେଇର ପୂର୍ବତନ ବିଧାୟକ ଆକାଶ ଦାସନାୟକଙ୍କୁ ଦଳ ପ୍ରାର୍ଥୀ କରିଛି। ଯାହାକୁ ନେଇ କୋରେଇ ନିର୍ବାଚନ ମଣ୍ଡଳୀରେ ବିଦ୍ରୋହର ସୂତ୍ରପାତ ହୋଇଥିବା ଚର୍ଚ୍ଚା ହେଉଛି। ଗତକାଲି ବିଶ୍ୱଜିତଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତା ରାଜ୍ୟ ନେତୃବର୍ଗଙ୍କୁ ଭେଟି ଟିକଟ ଦେବା ପାଇଁ ଦାବି କରିଥିଲେ ମଧ୍ୟ ଏହାର କୌଣସି ଫଳ ମିଳି ନ ଥିବା ଜଣାପଡ଼ିଛି। ତେଣୁ ଦଳୀୟ ପ୍ରାର୍ଥୀ ଆକାଶଙ୍କୁ ପାନେ ଦେବା ପାଇଁ ଉଭୟ ଆଲେକଜାଣ୍ଡାର ଓ ବିଶ୍ୱଜିତ୍ ଏକ ହୋଇ କାମ କରିବେ ବୋଲି ସାଧାରଣରେ ଆଲୋଚନା ହେଉଛି। ଦଳ ପକ୍ଷରୁ ଉଭୟଙ୍କୁ ଅଣଦେଖା କରାଯାଇଥିବାରୁ ସେମାନେ ସ୍ୱାଧୀନ ପ୍ରାର୍ଥୀ ହୋଇ ଦଳୀୟ ପ୍ରାର୍ଥୀଙ୍କୁ ଅଡୁଆରେ ପକାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ନଚେତ୍ ଉଭୟ ଗୋଷ୍ଠୀ ଦଳରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହେବାର ସମ୍ଭାବନା ରହିଛି। ଏଭଳି ପରିସ୍ଥିତି ସୃଷ୍ଟି ହେଲେ ବିଜେଡି ଏଠାରେ ଆରାମରେ ବିଜୟ ଲାଭ କରିବ ବୋଲି ଚର୍ଚ୍ଚା ହେଉଛି।

ସବୁଠାରୁ ଅଧିକ ରୋଚକ ପରିସ୍ଥିତି ଧର୍ମଶାଳାରେ ଦେଖିବାକୁ ମିଳିଛି। ଏହି ଆସନ ପାଇଁ ବିଜେପିର ୩ ଜଣ ଆଶାୟୀ ଥିଲେ। ସେଥିମଧ୍ୟରୁ ହିମାଂଶୁ ସାହୁଙ୍କ ନାଁ ସବୁଠାରୁ ଆଗରେ ଥିଲା। ଏହା ପଛକୁ ସ୍ମୃତିରେଖା ପହୀ ଓ ସର୍ବେଶ୍ୱର ବେହୁରାଙ୍କ ନାମ ରହିଥିଲା। କିନ୍ତୁ ଏଠାରେ ସ୍ମୃତିରେଖା ପ୍ରାର୍ଥୀ ହେବା ପରେ ଦଳ ଭିତରେ ବିଦ୍ରୋହର ସ୍ୱର ଶୁଣିବାକୁ ମିଳିଛି। ହିମାଂଶୁ ଜଣେ ଯୁବ ନେତା ହିସାବରେ ଧର୍ମଶାଳାରେ ନିଜର ଦବଦବା ରଖିଥିବାବେଳେ ବିଜେପି ତାଙ୍କୁ ପଛରୁ ଛୁରାଘାତ କରିବାର ପ୍ରତିଶୋଧ ନେବା ପାଇଁ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଠିଆ ହେବେ ବୋଲି ତାଙ୍କ ସମର୍ଥକ କହୁଛନ୍ତି। ସେହିପରି ଅନ୍ୟତମ ଆଶାୟୀ ସର୍ବେଶ୍ୱର କୌଣସି ପରିସ୍ଥିତିରେ ସ୍ମୃତିରେଖାଙ୍କୁ ସମର୍ଥନ ଦେବେ ନାହିଁ ବୋଲି କୁହାଯାଉଛି। ଏଭଳି ଏକ ପରିସ୍ଥିତିରେ ବିଜେପି ଦଳର ଅନ୍ତଃକନ୍ଦଳ ଶାସକ ବିଜୁ ଜନତା ଦଳ ପାଇଁ ସୁବିଧାଜନକ ପରିସ୍ଥିତି ସୃଷ୍ଟି କରିବ ବୋଲି ଚର୍ଚ୍ଚା ହେଉଛି।

ସେହିପରି ବିଂଝାରପୁର ନିର୍ବାଚନ ମଣ୍ଡଳୀରେ ମଧ୍ୟ ସମାନ ଅବସ୍ଥା ଦେଖାଦେଇଛି। ଏଠାରୁ ସାଂସଦ ପ୍ରାର୍ଥୀ ଅମୀୟ ମଲ୍ଲିକ ବିଧାୟକ ଟିକଟ ଲବିରେ ଥିଲେ। ତାଙ୍କୁ ଦଳ ଏହି ଟିକଟରୁ ବଞ୍ଚିତ କରିଥିବାରୁ ତାଙ୍କ ପଦକ୍ଷେପ କ'ଣ ରହିବ ତାକୁ ନେଇ ଦଳୀୟ ନେତୃତ୍ୱ ଚିନ୍ତାରେ ଅଛନ୍ତି। ସେ ଦଳ ଛାଡି ଅନ୍ୟ ଦଳକୁ ଯିବେ ନା ସ୍ୱାଧୀନ ପ୍ରାର୍ଥୀ ହେବେ, ତାହା ଆଗାମୀ ଦିନରେ ସମୟ କହିବ। ଏ ପର୍ଯ୍ୟନ୍ତ ବରୀ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିନି ଦଳ। ନିକଟରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ ବିଜେପିରେ ମିଶିଥିବାବେଳେ ଅନ୍ୟତମ ଆଶାୟୀ ଉମେଶ ଜେନା ମଧ୍ୟ ଟିକଟ ଆଶାରେ ଅଛନ୍ତି। ତେବେ ଉଭୟଙ୍କୁ ଟିକଟ ନ ଦେଇ ଅନ୍ୟକୌଣସି ଜଣେ ମହିଳା ପ୍ରାର୍ଥୀଙ୍କୁ ଦଳ କୁଆଡେ ଟିକେଟ ଦେବ ବୋଲି ଚର୍ଚ୍ଚା ହେଉଛି। ତେବେ ଏହି ଚର୍ଚ୍ଚା ଯଦି ସତ୍ୟ ହୁଏ, ଉଭୟ ଉମେଶ ଓ ଦେବାଶିଷ ନିଜ ଦଳ ପାଇଁ ଆତ୍ମଘାତି ସାଜିବେ। ଏଭଳି ପରିସ୍ଥିତି ପୂରା ଜିଲ୍ଲାର ୭ଟି ନିର୍ବାଚନ ମଣ୍ଡଳୀରେ ଲାଗି ରହିଲେ ବିଜୁ ଜନତା ଦଳ ନିଜ ଗଡ଼ ରକ୍ଷା କରିବାକୁ ବେଶୀ ପରିଶ୍ରମ କରିବାକୁ ପଡ଼ିବ ନାହିଁ ବୋଲି ରାଜନୈତିକ ସମୀକ୍ଷକ ମତ ଦେଇଛନ୍ତି।

